

ପର ପାଇଁ ଦୁଃଖ ସହିବା ହେଉଛି ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମା ଗାନ୍ଧୀ

# ଏ ସପ୍ତାହର କାର୍ଯ୍ୟକ୍ରମ

## ରବିବାର(୧୨।୧।୨୦୨୦)

### ଭୁବନେଶ୍ୱର

- ଓଡ଼ିଶା ଅର୍ଥୋପେଡିକ ଆସୋସିଏଶନର ୪୪ତମ ବାର୍ଷିକ ସମ୍ମିଳନୀ, ମେ ଫେୟାର କନଭେନଶନ, ସକାଳ ୮ଟା।
- ଇଣ୍ଟରନ୍ୟାଶନାଲ ଗ୍ରୀନ ୱାକାଥନ ପୁରସ୍କାର ବିତରଣ ଉତ୍ସବ, ପ୍ରେସ କ୍ଲବ ଅଫ ଓଡ଼ିଶା, ସକାଳ ୮ଟା ୩୦।
- ୟୁନିଟ-୪ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ, ବିଦ୍ୟାଳୟ ପରିସର, ସକାଳ ୯ଟା।
- ଏମ୍‌ବିସି ଟିଭି ଓ ମଣିହାରା ଭିଜନ୍ସ ପକ୍ଷରୁ ବିଶ୍ୱ ଭାଷା ସମ୍ମିଳନୀ, ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର, ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ଏକଦିବସୀୟ ଆଲୋଚନାଚକ୍ର, ଗୀତଗୋବିନ୍ଦ ଭବନ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା।
- ଇନକ୍ଲୁସିଭ ଟ୍ୟାଲେଣ୍ଟ ସୋସାଇଟି ଟ୍ରଷ୍ଟ ପକ୍ଷରୁ ଫ୍ୟାଶନ ପ୍ରତିଯୋଗିତା, ଏମ୍‌ଆଇଟିଏସ୍ ସ୍କୁଲ ଅଫ ବାୟୋଟେକ୍ନୋଲୋଜି, ପଟିଆ, ପୂର୍ବାହ୍ନ ୧୦ଟା।
- ଧଉଳି ଚାରୁକଳା ମହାବିଦ୍ୟାଳୟ ପକ୍ଷରୁ ତୃତୀୟ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ, କଲେଜ ପରିସର, ଧଉଳି, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ କର୍ମଚାରୀ ସଂଘର ୩୩ତମ ବାର୍ଷିକ ସାଧାରଣ ଅଧିବେଶନ, କାର୍ଯ୍ୟାଳୟ ପରିସର, ପ୍ଲଟ ନଂ୨, କଟକ ରୋଡ, ଯାତ୍ରୀ ନିବାସ ସମ୍ମୁଖ, ପୂର୍ବାହ୍ନ ୧୦ଟା ୩୦।
- କେତକୀ ଫାଉଣ୍ଡେଶନ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ପୂର୍ବାହ୍ନ ୧୧ଟା।
- ଜ୍ଞାନ ଯୋଗ ଦିବସ, ମହର୍ଷି ବିଦ୍ୟାମନ୍ଦିର, ପ୍ଲଟ ନଂ ୧୪୩୭, ଡେଲ୍ଟା କଲୋନୀ, ଅପରାହ୍ନ ୧ଟା ୩୦।
- ନିର୍ଭୟର ଷଷ୍ଠ ବାର୍ଷିକ ଉତ୍ସବ, ହୋଟେଲ ଦ କ୍ରାଉନ, ଅପରାହ୍ନ ୩ଟା।
- ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖାର ବାର୍ଷିକ ସାଧାରଣ ସଭା, ଭିଏସ୍‌ଏସ୍ ନଗର ଦୁର୍ଗାପୂଜା ମଣ୍ଡପ, ଅପରାହ୍ନ ୪ଟା।
- ରିଜିଓନାଲ ପ୍ଲାଣ୍ଟ ରିସର୍ସ ସେଣ୍ଟର ପକ୍ଷରୁ ରାଜ୍ୟସ୍ତରୀୟ ଫୁଲ ପ୍ରଦର୍ଶନୀ, ବଟାନିକାଲ ଗାର୍ଡେନ୍ସ ପରିସର, ଏକାମ୍ରକାନନ, ଅପରାହ୍ନ ୪ଟା।
- ସାଇ କଲ୍ୟାଣୀ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ, ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି, ଅପରାହ୍ନ ୫ଟା।
- ତପସ୍ୟା ଫାଉଣ୍ଡେଶନର ବାର୍ଷିକ ସାରସ୍ୱତ ସମାରୋହ, ୟୁସିସିଆଇ ପ୍ରେକ୍ଷାଳୟ, କ୍ରାଉନ ହୋଟେଲ ନିକଟ, ଅପରାହ୍ନ ୫ଟା।
- ‘ଶ୍ରୀମନ୍ଦିର ସେବା କର୍ମାଙ୍ଗୀ’ ଲୋକାର୍ପଣ ଉତ୍ସବ, ହୋଟେଲ ସାତ ସାତ, ଶୈଳଶ୍ରୀ ବିହାର ଶ୍ରୀଜଗନ୍ନାଥ ମନ୍ଦିର ନିକଟ, ସନ୍ଧ୍ୟା ୬ଟା।
- ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

### କଟକ

- ରୋଟାରୀ କ୍ଲବର ପ୍ଲାଟିନମ ଜୁବିଲି, କଟକ କ୍ଲବ, ସକାଳ ୭ଟା।
- ଜ୍ୟୋତିର୍ବିଜ୍ଞାନ ଓ ପ୍ରାଚ୍ୟବିଦ୍ୟା ସମ୍ମିଳନୀ, ଶ୍ରୀରାମଚନ୍ଦ୍ର ଭବନ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ୩୨ତମ ସାମ୍ବିଧାନିକ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବ, ସଚିନ ତେନ୍ଦୁଲକର ଇନଡୋର ହଲ୍, ବାରବାଟୀ ଷ୍ଟାଡିୟମ, ପୂର୍ବାହ୍ନ ୧୦ଟା।

### ପୁରୀ

#### ବିବେକାନନ୍ଦ ଜୟନ୍ତୀ

- ଭାରତ ବିକାଶ ପରିଷଦ, ଦିଗବାରେଣୀ ଖୁଣ୍ଟି, ସକାଳ ୮ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଘୋଡାବଜାର, ସକାଳ ୮ଟା।
- ବିନାୟକ ବିଦ୍ୟାମନ୍ଦିର, ମଧୁବନ, ସକାଳ ୮ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମଧୁବନ, ସକାଳ ୮ଟା।
- ସିନର୍ଜୀ ଟ୍ରଷ୍ଟ, ଯୁବ ସମ୍ମିଳନୀ ଦିଗବାରେଣୀ ଖୁଣ୍ଟି, ସକାଳ ୮ଟା।
- ବେଳାଭୂମି ସଫେଇ,ଭାରତ ବିକାଶ ପରିଷଦ, ସକାଳ ୮ଟା ୩୦।
- ଚିତ୍ରାଙ୍କନ ପ୍ରତିଯୋଗିତା,ପୁସ୍ତକ ମେଳା,ଶରଧାବାଲି, ସକାଳ୯ଟା।
- ଭଗବତୀ ବିଦ୍ୟା ନିକେତନ, ବାର୍ଷିକ କ୍ରୀଡା, ପୁରୀ ଜିଲା ସ୍କୁଲ, ସକାଳ ୯ଟା।
- ନେଚର ଲଭର୍ସ କ୍ଲବ ପକ୍ଷରୁ ଡଗ୍ ଶୋ, ଇନଡୋର ଷ୍ଟାଡିୟମ୍, ପୂର୍ବାହ୍ନ ୧୧ଟା।
- ଗ୍ଲୋରୀ ଫେଷ୍ଟ ଉଦ୍‌ଯାପନୀ ଉତ୍ସବ, ବେଳାଭୂମି ସନ୍ଧ୍ୟା ୬ଟା।

### ଜଟଣୀ

- ୫୮ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ, ମାତୃଭବନ, ରେଡଙ୍ଗ କଲୋନୀ ପୂର୍ବାହ୍ନ ୧୦ଟା।
- ୨୧ତମ ଶ୍ରୀବତ୍ସ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ, କୁଶୁମାଟି ଛଣଘର ଖେଳପଡ଼ିଆ, ଅପରାହ୍ନ ୩ଟା।

### ବାଲିଅନ୍ତା

- ୧୯୯୫ ମସିହା ମାଟ୍ରିକ ବ୍ୟାଚର ବନ୍ଧୁମିଳନ, ବାଲିଅନ୍ତା ହାଇସ୍କୁଲ ପରିସର, ପୂର୍ବାହ୍ନ ୧୦ଟା।
- ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଅଲ ଓଡ଼ିଶା ଅଧ୍ୟାପକ ସଭା, କ୍ୟାମ୍ପସ ପରିସର, ପୂର୍ବାହ୍ନ ୧୧ଟା।
- ପି.କେ.କେ ପକ୍ଷରୁ ସମନ୍ୱିତ କ୍ରୀଡ଼ା ପ୍ରତିଯୋଗିତା, ଭିଙ୍ଗାରପୁର, ଶ୍ରୀବକ୍ରେଶ୍ୱର ଖେଳପଡ଼ିଆ, ସକାଳ ୯ଟା।

## ସୋମବାର(୧୩।୧।୨୦୨୦)

### ଭୁବନେଶ୍ୱର

- ଏମ୍‌ବିସି ଟିଭି ଓ ମଣିହାରା ଭିଜନ୍ସ ପକ୍ଷରୁ ବିଶ୍ୱ ଭାଷା ସମ୍ମିଳନୀ, ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର, ପୂର୍ବାହ୍ନ ୧୦ଟା।
- ଧଉଳି ଚାରୁକଳା ମହାବିଦ୍ୟାଳୟ ପକ୍ଷରୁ ତୃତୀୟ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ, କଲେଜ ପରିସର, ଧଉଳି, ପୂର୍ବାହ୍ନ ୧୦ଟା ୩୦।
- ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ୧୭ତମ ସ୍ୱନକ୍ଷତ୍ର ଉତ୍ସବ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୧ଟା।
- କେତକୀ ଫାଉଣ୍ଡେଶନ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ପୂର୍ବାହ୍ନ ୧୧ଟା।

### ଖୋର୍ଦ୍ଧା

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ବେଗୁନିଆ ବ୍ଲକ ପରିସର, ପୂର୍ବାହ୍ନ ୧୦ଟା।।

### ପୁରୀ

- ପୁସ୍ତକ ମେଳା, ଶରଧାବାଲି ଅପରାହ୍ନ ୨ଟା।
- ଅଭିନନ୍ଦନିକା ବାର୍ଷିକ ଉତ୍ସବ, ପୁସ୍ତକ ମେଳା, ସନ୍ଧ୍ୟା ୬ଟା।

## ମଙ୍ଗଳବାର(୧୪।୧।୨୦୨୦)

### ଭୁବନେଶ୍ୱର

- ଏମ୍‌ବିସି ଟିଭି ଓ ମଣିହାରା ଭିଜନ୍ସ ପକ୍ଷରୁ ବିଶ୍ୱ ଭାଷା ସମ୍ମିଳନୀ, ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର, ପୂର୍ବାହ୍ନ ୧୦ଟା।
- କେତକୀ ଫାଉଣ୍ଡେଶନ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ପୂର୍ବାହ୍ନ ୧୧ଟା।

### ପୁରୀ

- ପୁସ୍ତକ ମେଳା ଉଦ୍‌ଯାପନୀ ଉତ୍ସବ, ଶରଧାବାଲି, ସନ୍ଧ୍ୟା ୬ଟା।

### ଖୋର୍ଦ୍ଧା

- ପି.ଏନ୍. କଲେଜର ଡାଇମଣ୍ଡ ଜୁବିଲି ଅବସରରେ ଖବରଦାତା ସମ୍ମିଳନୀ, ମୈତ୍ରୀ ଭବନ, ପୂର୍ବାହ୍ନ ୧୧ଟା।

## ବୁଧବାର(୧୫।୧।୨୦୨୦)

### ଭୁବନେଶ୍ୱର

- କେତକୀ ଫାଉଣ୍ଡେଶନ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ପୂର୍ବାହ୍ନ ୧୧ଟା।
- ବିଭାବନାର ସାରସ୍ୱତ ସମାରୋହ, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା।

### ଖୋର୍ଦ୍ଧା

- ଦକ୍ଷିଣେଶ୍ୱରୀ ମଙ୍ଗଳାଙ୍କର ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ଶ୍ରୀରାମନଗର, ପୂର୍ବାହ୍ନ ୮ଟା।

### କଟକ

- ଫିଲ୍ମ ‘କୁଇନ’ର ଗ୍ରାଣ୍ଡ ପ୍ରିମିୟର, ବୃନ୍ଦାବନ ହଲ, ପୂର୍ବାହ୍ନ ୧୧ଟା ୩୦।।

### ବାଲିଅନ୍ତା

- ଭଜନ ପରିବେଷଣ, ଜିତିକାର ସୁଆଁଲୋସ୍ଥିତ ବାବା ବଟ ଗୋସାଇଁ ପୀଠ ପରିସର, ସକାଳ ୯ଟା।

---

## ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

# ରଙ୍ଗିନ ଫୁଲରେ ଝଲସୁଛି ଏକାମ୍ର କାନନ

ପ୍ରଦର୍ଶିତ ହେଉଛି ୪୦୦ ପ୍ରଜାତିର ଫୁଲ



ପ୍ରଦର୍ଶନୀରେ ଫୁଲରେ ତିଆରି ଗେଟ୍।

ଭୁବନେଶ୍ୱର, ୧୧।୧(ବ୍ୟୁରୋ)





ଭଳିକିଭଳି ଫୁଲରେ ଝଲସୁଛି ସ୍ଥାନୀୟ ଏକାମ୍ର କାନନ। ଲାଲ୍, କମଳା, ନୀଳ, ହଳଦିଆ ଆଦି ରଙ୍ଗ ବେରଙ୍ଗ ଗୋଲାପ ସାଙ୍ଗକୁ ଫ୍ଲୋରିବୁଣ୍ଡା ଏବଂ ପଲିଆନ୍ଥା ଭଳି ବିଦେଶୀ କିସମର ଗୋଲାପ ଲୋକଙ୍କୁ ଆକର୍ଷିତ କରୁଛି। ଏଭଳି ପ୍ରାୟ ୪୦୦ ପ୍ରଜାତିର ଉଭୟ ଦେଶୀ ଓ ବିଦେଶୀ ଫୁଲର ପସରା ଦେଖିବାକୁ ମିଳିଛି। ଲୋକଙ୍କ ମଧ୍ୟରେ ଫୁଲ ଚାଷ ପ୍ରତି ଆଗ୍ରହ ସୃଷ୍ଟି କରିବା ତଥା ରାଜଧାନୀକୁ ଆହୁରି ସୌନ୍ଦର୍ଯ୍ୟମୟ କରିବା ଉଦ୍ଦେଶ୍ୟ ନେଇ ଶନିବାର ଉଦ୍‌ଘାଟିତ ହୋଇଯାଇଛି ‘ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ’।

ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ଓ ପ୍ଲାଣ୍ଟ ଲଭର୍ସ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଏକାମ୍ର କାନନଠାରେ ଏହି ପୁଷ୍ପ ପ୍ରଦର୍ଶନୀ ଆରମ୍ଭ ହୋଇଛି। ଦୁଇଦିନ ଧରି ହେବାକୁ ଥିବା ଏହି ପ୍ରଦର୍ଶନୀକୁ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ମୋନା ଶର୍ମା ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପିସିସିଏଫ୍ ସନ୍ଦୀପ ତ୍ରିପାଠୀ ଓ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ରାଜୀବ କୁମାର ପ୍ରମୁଖ ଯୋଗଦେଇ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଚଳିତବର୍ଷ ପ୍ରାୟ ୪୦୦ ପ୍ରଜାତିର ୧୦ ହଜାରରୁ ଊର୍ଦ୍ଧ୍ୱ ଉଭୟ ଦେଶୀ ଓ ବିଦେଶୀ ଫୁଲ ପ୍ରଦର୍ଶିତ ହେଉଛି। ତେବେ ଗତବର୍ଷ ଅପେକ୍ଷା ଏଥର ଅଧିକ ସଂଖ୍ୟକ ଏଣ୍ଟ୍ରି ହୋଇଥିବା ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ପ୍ରଦର୍ଶନୀରେ ଫୁଲଗୁଡ଼ିକୁ ବିଭିନ୍ନ ବିଭାଗରେ ବିଭକ୍ତ କରାଯାଇଛି। କିଛି ପ୍ରଦର୍ଶନୀ ପାଇଁ ରଖାଯାଇଥିବାବେଳେ ଆଉ କିଛି ବିକ୍ରି କରାଯାଉଛି। ବିଦେଶୀ ଫୁଲଗୁଡ଼ିକ ମଧ୍ୟରେ ଗ୍ଲାଡିଓଲି, କ୍ରୋଟନ, କ୍ୟାକ୍ଟସ, କାନୁନ୍‌ଡୋଲା, କାରିଆଫିସ୍, ଡାଇନାଥସ୍, ଆଷ୍ଟର, ଲିଲିୟମ୍, ସାଲ୍‌ଭିଆ, ଜିନିଆ ଏବଂ ଆନ୍ଥୁରିୟମ୍ ପ୍ରଭୃତି ରହିଛି। ସେହିଭଳି ଲୋକପ୍ରିୟ ଗେଣ୍ଡୁ, ଗୋଲାପ ଏବଂ ଡାଲିଆ ଆଦି ଦେଶୀ ଫୁଲ ମଧ୍ୟରେ ସ୍ଥାନ ପାଇଛି। ଚଳିତବର୍ଷ ଏକ ସ୍ୱତନ୍ତ୍ର ‘ଅର୍କିଡ୍’ ବିଭାଗ କରାଯାଇଛି, ଯେଉଁଥିରେ ୧ ଶହରୁ ଊର୍ଦ୍ଧ୍ୱ ପ୍ରଜାତିର ହାଇବ୍ରିଡ୍ ଓ ଜଙ୍ଗଲୀ ଅର୍କିଡ୍ ପ୍ରଦର୍ଶିତ ହେଉଛି।



ଫୁଲଗଛ ବିକ୍ରି ଲାଗି ଏକ ପ୍ଲାଣ୍ଟ୍ ବଜାର ଖୋଲିଛି। ଏଠାରେ ୪୬ ନର୍ସରୀରେ ବିକ୍ରିବଟା କରାଯାଉଛି। କେବଳ ଫୁଲ ଗଛ ନୁହେଁ, ବିଭିନ୍ନ ପ୍ରଜାତିର ଫୁଲ ମଞ୍ଜି, ବଗିଚା ଉପକରଣ, ସାର ଏବଂ ରସାୟନ ପ୍ରଭୃତି ଏଠାରେ ଉପଲବ୍ଧ ହେଉଛି। ଦେଖଣାହାରୀ ଆଗ୍ରହର ସହ ଏଗୁଡ଼ିକୁ କିଣି ଘରକୁ ନେଇଯାଉଛନ୍ତି। ସମସ୍ତେ କିପରି ଫୁଲ ବଗିଚାଟିଏ ତିଆରି କରିବାକୁ ଆଗ୍ରହୀ ହେବେ, ସେନେଇ ସଚେତନ କରିବାକୁ ପ୍ରଦର୍ଶନୀରେ ବିଭିନ୍ନ ସଂସ୍ଥା ପକ୍ଷରୁ ମିନି ଗାର୍ଡେନର ବ୍ୟବସ୍ଥା ହୋଇଛି। ଅନ୍ୟପଟେ ପ୍ଲାଣ୍ଟ୍ ଲଭର୍ସ ଆସୋସିଏଶନ୍ ପକ୍ଷରୁ ‘ବଗିଚା ପ୍ରତିଯୋଗିତା’ ମଧ୍ୟ କରାଯାଇଛି। ୯୫ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ଏହାସହ ଅନୁଷ୍ଠିତ ଏକ ଚିତ୍ରାଙ୍କନ ଓ ପୋଷ୍ଟର ପ୍ରତିଯୋଗିତାରେ ୫ଶହରୁ ଊର୍ଦ୍ଧ୍ୱ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ସନ୍ଧ୍ୟାରେ ପିସିସିଏଫ୍(ୱାଇଲ୍ଡଲାଇଫ୍) ହରିଶଙ୍କର ଉପାଧ୍ୟାୟ, ଓଡ଼ିଶା ଜୈବ ବିବିଧତା ବୋର୍ଡ ଅଧ୍ୟକ୍ଷ ମାଲୋଥ୍ ମୋହନ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଫୁଲରେ ରଙ୍ଗୋଲି ସାଙ୍ଗକୁ ପନିପରିବାରେ ଆଖି ଝଲସିଗଲା ପରି ବିଭିନ୍ନ କଳା ପ୍ରଦର୍ଶନୀ ଦେଖିବାକୁ ମିଳିଥିଲା। ପୁଷ୍ପ ପ୍ରଦର୍ଶନୀର ପ୍ରବେଶ ପଥକୁ ଫୁଲରେ କୋଣାର୍କ ମନ୍ଦିର ସଦୃଶ ଏକ ଗେଟ୍ କରାଯାଇଛି। ପ୍ରଥମ ଦିନରେ ପ୍ରଦର୍ଶନୀ ଦେଖିବାକୁ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଆସିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

---

## ୨୩୬ ତମ ‘ମିଟ୍ ଦ ଆର୍ଟିଷ୍ଟ’

# ଓଡ଼ିଶାର ପ୍ରାଚୀନ ବୟନଶିଳ୍ପର କଳ୍ପନା ଅବର୍ଣ୍ଣନୀୟ



ଭୁବନେଶ୍ୱର, ୧୧।୧ (ବ୍ୟୁରୋ)

ଟେକ୍ସଟାଇଲ୍ ଡିଜାଇନର ପଙ୍କଜା ସେଠୀ। ଟେକ୍ସଟାଇଲ୍ ଡିଜାଇନ୍ ସହ ଆନ୍ଥ୍ରୋପୋଲୋଜି ଜ୍ଞାନକୁ ମିଶାଇ ‘ଗଦବା’ ଆଦିବାସୀଙ୍କ କୋଟପାଡ଼ କପଡ଼ା ଉପରେ ଗବେଷଣା କରି ଏକ ସ୍ୱତନ୍ତ୍ର ଡିଜାଇନ୍ ପ୍ରସ୍ତୁତ କରିଛନ୍ତି। ଏହା ଏବେ ଲଣ୍ଡନର ଭିକ୍ଟୋରିଆ ଆଲବର୍ଟ ମ୍ୟୁଜିୟମ୍‌ରେ ପ୍ରଦର୍ଶିତ ହେଉଛି। ପଙ୍କଜାଙ୍କୁ ନେଇ ଶନିବାର ଭୁବନେଶ୍ୱର ଜେଡି ସେଣ୍ଟର ଅଫ୍ ଆର୍ଟ ପକ୍ଷରୁ ଆୟୋଜିତ ହୋଇଥିଲା ‘ମିଟ୍ ଦ ଆର୍ଟିଷ୍ଟ’ର ୨୩୬ତମ ସଂସ୍କରଣ। ନୟାପଲ୍ଲୀସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା ‘ଓଡ଼ିଶାର ପ୍ରାଚୀନ ବୟନଶିଳ୍ପ’। ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ପଙ୍କଜାଙ୍କୁ ସମ୍ବର୍ଦ୍ଧିତ କରାଯିବା ପରେ ଆରମ୍ଭ ହୋଇଥିଲା ଆଲୋଚନା।

ପଙ୍କଜା ନିଜର ଅନୁଭୂତି ବର୍ଣ୍ଣନା କରି କହିଲେ, ଓଡ଼ିଶାର ପ୍ରାଚୀନ ବୟନଶିଳ୍ପର କଳ୍ପନା ଅବର୍ଣ୍ଣନୀୟ। ପ୍ରଥମେ ସେ ଆଦିବାସୀ ସାନ୍ତାଳଙ୍କ ସହ ରହି କାମ କରିଥିଲେ। ସାନ୍ତାଳଙ୍କ କାନ୍ଥ ଡିଜାଇନ୍‌କୁ ସେମାନେ କିପରି ଟେକ୍ସଟାଇଲ୍‌କୁ ଆଣିପାରିଛନ୍ତି ତାହା ଦେଖି ସେ ବିସ୍ମିତ ହୋଇଥିଲେ। ତା’ପରେ ସେ ଡଙ୍ଗରିଆ କନ୍ଧଙ୍କ ଏମ୍ବ୍ରୋଡରି କପଡ଼ା ଉପରେ ଗବେଷଣା କରିଥିଲେ। ଆଦିବାସୀଙ୍କ କଳାକୁ ଭଲ ଭାବରେ ବୁଝିବା ପାଇଁ ସେ ପୁଣି ଆନ୍ଥ୍ରୋପୋଲୋଜି ପଢ଼ିଥିଲେ। ପରେ ଉଭୟ ଜ୍ଞାନକୁ ମିଶାଇ ନୂଆ ଗବେଷଣା କରି ଟେକ୍ସଟାଇଲ୍ କ୍ଷେତ୍ରରେ ଭିନ୍ନ ଡିଜାଇନ୍ ପ୍ରସ୍ତୁତ କରିଥିଲେ ବୋଲି ସେ ପ୍ରକାଶ କରିଥିଲେ।

ଆଲୋଚନା ପରେ ପଙ୍କଜାଙ୍କ ନିର୍ଦ୍ଦେଶିତ ଦୁଇଟି ଡକ୍ୟୁମେଣ୍ଟାରି ଫିଲ୍ମ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଲଳିତ ମାନସିଂ, ପ୍ରଫେସର ପି. କେ. ମିଶ୍ର, ପଦ୍ମଶ୍ରୀ ଦେବୀପ୍ରସନ୍ନ ମିଶ୍ର, ନିବେଦିତା ସ୍କୁଡର, ଧୀରେନ୍ ଦାସ, ବୀରେନ୍ ଦାସ, ନନ୍ଦିତା ଦାସ, ସିଦ୍ଧାର୍ଥ ଦାସ, ଅବସର ବେଉରିଆ, ଶ୍ୟାମହରି ଚକ୍ର, ଶ୍ରୀବତ୍ସ ସାମଲ, ଶାନ୍ତନୁ ମହାପାତ୍ର, ବିପିନ ମହାନ୍ତି, ମଙ୍ଗଳା ପ୍ରସାଦ ମହାନ୍ତି, ଦେବଦାସ ଛୋଟରାୟ, ବିୟତ୍‌ପ୍ରଜ୍ଞା ତ୍ରିପାଠୀ, ବିଷ୍ଣୁ ପ୍ରସାଦ ମହାପାତ୍ର, ପ୍ରଫୁଲ୍ଲ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପରିଚାଳନାରେ ବିଶ୍ୱଜିତ ରାଉତ ସହଯୋଗ କରିଥିଲେ।

---

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ସୀମାଦ୍ରି



ମୌସୁମୀ



ଶ୍ରୀନିବାସ



ଧୀରେନ୍



ଟୁନା



ସୌମ୍ୟକାନ୍ତ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



"ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ଝାମ୍ପି ନେଲେ ସୁନା ଚେନ

ଭୁବନେଶ୍ୱର, ୧୧।୧(ବ୍ୟୁରୋ): କ୍ୟାପିଟାଲ ଥାନା ଅନ୍ତର୍ଗତ ଆଇଜି ପାର୍କ ପଛ ରାସ୍ତାରେ ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନା ଚେନ୍ ଲୁଟି ନେଇଛନ୍ତି। ଲୁଟର ଶିକାର ହୋଇଛନ୍ତି ବଡ଼ଗଡ ଅଞ୍ଚଳର ଅର୍ଚ୍ଚନା ମହାପାତ୍ର(୩୫)। ତାଙ୍କ ଅଭିଯୋଗକ୍ରମେ ପୋଲିସ ସିସିଟିଭି ଆଧାରରେ ତଦନ୍ତ କରୁଛି। ସ୍ୱାମୀ ବିଭୂ ମହାପାତ୍ରଙ୍କ ସହ ଅର୍ଚ୍ଚନା ପୁଅର ପରୀକ୍ଷା ଫଳ ଦେଖି ଫେରୁଥିବାବେଳେ ଏକ କଳା ପଲ୍‌ସରରେ ଦୁଇଜଣ ଲୁଟେରା ଏହି କାଣ୍ଡ ଘଟାଇଛନ୍ତି।

### ଭୁବନେଶ୍ୱରରେ ୧୫ ଟ୍ରେନି ଆଇଏଏସ ଅଫିସର

ଭୁବନେଶ୍ୱର, ୧୧।୧(ବ୍ୟୁରୋ): ଶନିବାର ୧୫ଜଣ ଟ୍ରେନି ଆଇଏଏସ୍ ଅଫିସର ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍(ବିଏସ୍‌ସିଏଲ୍) କାର୍ଯ୍ୟାଳୟ ଓ ପ୍ରକଳ୍ପ ବୁଲି ଦେଖିଛନ୍ତି। ସେମାନେ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଶୀତଦିନିଆ ଷ୍ଟଡି ଟୁର୍‌ରେ ଆସି ବିଭିନ୍ନ ଜ୍ଞାନ ଆହରଣ କରିଛନ୍ତି। ପିପିପି ମଡେଲ୍, ଭିତ୍ତିଭୂମିଜନିତ ପ୍ରକଳ୍ପ, ଆଇଟି ପ୍ରକଳ୍ପ, ସୋସିଆଲି ସ୍ମାର୍ଟ ପ୍ରକଳ୍ପ ବିଷୟରେ ବୁଝିଥିଲେ। ଏହାବ୍ୟତୀତ ସହରର ମୁଖ୍ୟ ବିଷୟ ସ୍ମାର୍ଟ ଟ୍ରାଫିକ ମ୍ୟାନେଜମେଣ୍ଟ, ସ୍ମାର୍ଟ ପାର୍କିଂ, ସ୍ମାର୍ଟ ରେସ୍‌ପନ୍ସ, ସ୍ମାର୍ଟ କମ୍ୟୁନିକେଶନ ଓ ଭୁବନେଶ୍ୱର ଅପରେଶନ ସେଣ୍ଟର ବିଷୟରେ ଆଲୋଚନା କରିଥିଲେ। ସେହିପରି ସନ୍ଧ୍ୟାରେ ସେମାନେ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ ମନ୍ଦିରର ପ୍ରାଚୀନ ଇତିହାସ, ସେବାପୂଜା, ପର୍ବପର୍ବାଣି ବିଷୟରେ ସେମାନଙ୍କୁ ବୁଝାଇଥିଲେ। ଭୁବନେଶ୍ୱର ଅତିରିକ୍ତ ତହସିଲଦାର ଅଂଶୁମାନ ରଥ ଉପସ୍ଥିତ ଥିବାବେଳେ ସେବାୟତ ମୁକ୍ତିକାନ୍ତ ବଡୁ ପୂଜାର୍ଚ୍ଚନା କରିଥିଲେ।

### ଅଧ୍ୟାପିକାଙ୍କୁ ବଳାତ୍କାର, ବ୍ୟାଙ୍କ ମ୍ୟାନେଜରଙ୍କୁ ଅପହରଣ ଘଟଣା: ୨ ମାମଲା ରୁଜୁ

ଭୁବନେଶ୍ୱର, ୧୧।୧(ବ୍ୟୁରୋ): ଅଧ୍ୟାପିକାଙ୍କୁ ବଳାତ୍କାର ଓ ବ୍ୟାଙ୍କ୍ ମ୍ୟାନେଜରଙ୍କୁ ଅପହରଣ ଅଭିଯୋଗକୁ ନେଇ ଚନ୍ଦ୍ରଶେଖରପୁର ପୋଲିସ ଖୋଳତାଡ଼ ଚଳାଇଛି। ଉଭୟଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ଘଟଣା ଏବେ ଭିନ୍ନମୋଡ଼ ନେଇଛି। ପୋଲିସ ଉଭୟଙ୍କ ଅଭିଯୋଗ ଆଧାରରେ ଶନିବାର ଦୁଇଟି ମାମଲା ରୁଜୁ କରିଛି। ଅଧ୍ୟାପିକାଙ୍କ ଅଭିଯୋଗକ୍ରମେ କେସ୍ ନଂ.୨୧/୨୦ ଏବଂ ବ୍ୟାଙ୍କ ମ୍ୟାନେଜରଙ୍କ ଅଭିଯୋଗକ୍ରମେ କେସ୍ ନଂ.୧୯/୨୦ରେ ମାମଲା ରୁଜୁ କରିଛି। ଅଧ୍ୟାପିକାଙ୍କ ବିରୋଧରେ ବ୍ଲାକ୍‌ମେଲିଂ, ଅପହରଣ, ମାଡ଼ମାରିବା ଆଦି ଦଫା ଲାଗିଥିବାବେଳେ ବ୍ୟାଙ୍କ ମ୍ୟାନେଜରଙ୍କ ନାଁରେ ବଳାତ୍କାର, ମୋବାଇଲ୍‌ରେ ଭିଡିଓ ଉତ୍ତୋଳନ କରିବା ଆଦି ଦଫା ଲାଗିଛି। ରବିବାର ଅଧ୍ୟାପିକାଙ୍କ ଡାକ୍ତରୀ ମାଇନା କରାଯିବ। ରିପୋର୍ଟ ଆସିବା ପରେ ସତ୍ୟତା ଜଣାପଡିବ। ଏହାସହ ବ୍ୟାଙ୍କ୍ ମ୍ୟାନେଜରଙ୍କ ଅପହରଣ ଅଭିଯୋଗର ସତ୍ୟତା ଜାଣିବା ପାଇଁ ପୋଲିସ ଫୋନ୍ କଲ୍ ଯାଞ୍ଚ କରିବ ବୋଲି ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ ସୂଚନା ଦେଇଛନ୍ତି।

### ଡିଜିଟାଲସ୍କୋୟାରକୁ ସିଲିକନ୍ ଇଣ୍ଡିଆ ଆୱାର୍ଡ

ଭୁବନେଶ୍ୱର,୧୧।୧: ଡିଜିଟାଲ ମାର୍କେଟିଂ ଶିକ୍ଷା ପ୍ରତିଷ୍ଠାନ ଡିଜିଟାଲସ୍କୋୟାର, ଭୁବନେଶ୍ୱର 'ସିଲିକନ୍ ଇଣ୍ଡିଆ' ଆୱାର୍ଡ ଲାଭ କରିଛି। ୨୦୧୯ ବର୍ଷ ଲାଗି ଦେଶର 'ଟେନ୍ ମୋଷ୍ଟ ପ୍ରମିସିଙ୍ଗ ଡିଜିଟାଲ ମାର୍କେଟିଂ ଟ୍ରେନିଂ ଇନଷ୍ଟିଚ୍ୟୁଟ୍' ଭାବେ ଡିଜିଟାଲ ସ୍କୋୟାର ସମ୍ମାନୀତ ହୋଇଛି। ବାଙ୍ଗାଲୋର ଭିତ୍ତିକ ସିଲିକନ୍ ମାଗାଜିନ ପକ୍ଷରୁ ଉକ୍ତ ଆୱାର୍ଡ ପ୍ରଦାନ କରାଯାଇଥିଲା। ଗତ ୨ ବର୍ଷରେ ଏହି ପ୍ରତିଷ୍ଠାନ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରିଛି। ଆଗାମୀ ଦିନଗୁଡିକରେ ୧୦୦୦ ଛାତ୍ରୀଛାତ୍ରଙ୍କୁ ଡିଜିଟାଲ ମାର୍କେଟିଂ ପାଠ୍ୟକ୍ରମରେ ତାଲିମ ପ୍ରଦାନ, ଅଧିକ ସହରରେ ଉପସ୍ଥିତି ଏବଂ ଅନ୍‌ଲାଇନରେ ପାଠ୍ୟକ୍ରମ ପ୍ରଦାନ କରିବା ନେଇ ଲକ୍ଷ୍ୟ ରହିଛି ବୋଲି ଡିଜିଟାଲସ୍କୋୟାରର ପ୍ରତିଷ୍ଠାତା ଉମାଶଙ୍କର ସାହୁ କହିଛନ୍ତ। ଶିଳ୍ପର ଆବଶ୍ୟକତା ଆଧାରରେ ପ୍ରଫେସନାଲ ଗଢି ତୋଳିବା ସହ ଉନ୍ନତ ତାଲିମ ବ୍ୟବସ୍ଥା ଓ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱ ବିକାଶକୁ ଧ୍ୟାନ ଦିଆଯାଉଥିବା ଥିବା ସେ ମତ ରଖିଛନ୍ତି।

# ସୁଧୁରୁନି ପ୍ରଦର୍ଶନୀ ପଡ଼ିଆ ରାସ୍ତା

■ ସନ୍ଧ୍ୟାରେ ଅସମ୍ଭାଳ ଭିଡ଼

■ ୫ ମିନିଟ୍ ରାସ୍ତାକୁ ଲାଗୁଛି ୪୫ ମିନିଟ୍

ଭୁବନେଶ୍ୱର,୧୧।୧(ବ୍ୟୁରୋ)



ସନ୍ଧ୍ୟା ହେଲେ ଭିଡ଼ ଅସମ୍ଭାଳ ହେଉଛି। ଗାଡ଼ି ତ ଛାଡ଼, ଚାଲି ଯିବା ବି ଅସମ୍ଭବ ହୋଇପଡୁଛି। ରାମମନ୍ଦିର ଛକରୁ ଆରମ୍ଭକରି ସମ୍ପୂର୍ଣ୍ଣ ପ୍ରଦର୍ଶନୀ ପଡ଼ିଆ ରାସ୍ତା ସନ୍ଧ୍ୟାବେଳେ ରାଜଧାନୀବାସୀଙ୍କ ପାଇଁ ଯନ୍ତ୍ରଣାର ପଥ ପାଲଟୁଛି। ୫ ମିନିଟର ରାସ୍ତା ଅତିକ୍ରମ କରିବାକୁ ୪୫ ମିନିଟ୍ ସମୟ ଲାଗିଯାଉଛି। ରାଜ୍ୟ ସରକାରଙ୍କ ଦ୍ୱାରା ସମସ୍ତ ରାଜ୍ୟସ୍ତରୀୟ, ଜାତୀୟସ୍ତରୀୟ, ଏପରିକି ଅନ୍ତର୍ଜାତୀୟସ୍ତରୀୟ ମେଳା ଆୟୋଜିତ ହେଉଥିଲେ ମଧ୍ୟ ପାର୍କିଂ ଏବଂ ଟ୍ରାଫିକ୍ ବ୍ୟବସ୍ଥାକୁ ସୁଧାରିବାକୁ କୌଣସି ବ୍ୟବସ୍ଥା ହେଉନି। ବର୍ଷ ବର୍ଷ ଧରି ଏଭଳି ସମସ୍ୟା ଲାଗି ରହୁଥିଲେ ବି ବିଏମ୍‌ସି କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ।

ଶିଶିର ସରସ ମେଳାରୁ ଆରମ୍ଭକରି ଜାତୀୟ ହସ୍ତତନ୍ତ ମେଳା ଏବଂ ବଡ଼ ବଡ଼ ପୁସ୍ତକ ମେଳା ଆଦି ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ବର୍ଷର ବିଭିନ୍ନ ସମୟରେ ହେଉଛି। ବିଶେଷକରି ପର୍ଯ୍ୟଟନ ଋତୁ ଆସିଲେ ସେପ୍ଟେମ୍ବରରୁ ଫେବୃୟାରୀ ଶେଷ ପର୍ଯ୍ୟନ୍ତ ରାଜ୍ୟର ପ୍ରମୁଖ ମେଳା, ମହୋତ୍ସବର ଆୟୋଜନ କରାଯାଇଥାଏ। ଏହାବ୍ୟତୀତ ବର୍ଷସାରା ଏଠାରେ ବିଭିନ୍ନ ପ୍ରକାର ଟ୍ରେଡ୍ ଫେୟାର, ପୁସ୍ତକ ମେଳା ଏବଂ ଏକ୍ସପୋ ଆୟୋଜନ କରାଯାଇଥାଏ। ରାଜ୍ୟ ଏବଂ ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ଲୋକ ଏଠାକୁ ପ୍ରତ୍ୟହ ଆସୁଥିବା ବେଳେ ଶନିବାର ଏବଂ ରବିବାର ପ୍ରଦର୍ଶନୀ ପଡ଼ିଆ ସଂଲଗ୍ନ ରାସ୍ତା ରାଜଧାନୀବାସୀଙ୍କୁ ହନ୍ତସନ୍ତ କରିଦେଉଛି। ବିଶେଷକରି ଗୋଟିଏରୁ ଅଧିକ ମେଳା ଆୟୋଜିତ ହେଲେ ଏହି ରାସ୍ତାରେ ଯିବା ଅସମ୍ଭବ ହୋଇପଡ଼େ। ଏବେ ଶିଶିର ସରସ ମେଳା ସହ ଏମ୍‌ଏସ୍‌ଏମ୍‌ଇ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଚାଲିଥିବାବେଳେ ସନ୍ଧ୍ୟାରେ ସେହି ରାସ୍ତାରେ ସୃଷ୍ଟିହେଉଛି ଗୁରୁତର ଟ୍ରାଫିକ୍ ଜାମ୍ ପରିସ୍ଥିତି। ଆଗକୁ ଆଦିବାସୀ ମେଳା ଆୟୋଜିତ ହେବାକୁ ଯାଉଥିବାବେଳେ ଟ୍ରାଫିକ୍ ଜାମ୍ ସମସ୍ୟା ଚିନ୍ତା ସୃଷ୍ଟି କରିଛି। ଏଭଳିସ୍ଥଳେ ବାରମ୍ବାର ଅଭିଯୋଗ ପରେ ବି ବିଏମ୍‌ସି ପାର୍କିଂ ବ୍ୟବସ୍ଥାକୁ ସୁଧାରିବାକୁ ପ୍ରୟାସ କରୁ ନ ଥିବା ବେଳେ ଟ୍ରାଫିକ୍ ପୋଲିସ ମଧ୍ୟ ଭିଡ଼ ସମ୍ଭାଳିବାରେ ସମ୍ପୂର୍ଣ୍ଣ ଫେଲ୍ ମାରିଛି। ଓଲଟା ବିଏମ୍‌ସି ପକ୍ଷରୁ ଏଠାରେ ଫୁଟ୍‌ପାଥରେ ପାର୍କିଂ କରାଯାଉଛି। ଫୁଟ୍‌ପାଥ୍ ପାର୍କିଂ ସମ୍ପୂର୍ଣ୍ଣ ବେଆଇନ୍ ହୋଇଥିଲେ ମଧ୍ୟ ବିଏମ୍‌ସି ଅସ୍ଥାୟୀ ଟେଣ୍ଡର୍ ଯୋଗେ ରାସ୍ତାର ଉଭୟ କଡ଼ରେ ପାର୍କିଂ କରୁଛି। ଫଳରେ ରାସ୍ତା ସଂକୀର୍ଣ୍ଣ ହେବା ସହ ଯାତାୟାତରେ ସମସ୍ୟା ସୃଷ୍ଟିହେଉଛି।

ଅନ୍ୟପକ୍ଷରେ ପ୍ରଦର୍ଶନୀ ପଡ଼ିଆ ପଛପଟେ ପାର୍କିଂ ପାଇଁ ଆବଶ୍ୟକ ସ୍ଥାନ ରହିଥିଲେ ମଧ୍ୟ ତାହାକୁ ପାର୍କିଂ ପାଇଁ ବ୍ୟବହାର କରାଯାଉନି। ଯଦି ପାର୍କିଂ ଏରିଆ ନ ଥିଲେ ଶପିଂ ମଲ୍‌ଗୁଡ଼ିକୁ ଅନୁମତି ମିଳୁନି ତା'ହେଲେ ପାର୍କିଂ ସୁବିଧା ନ ଥାଇ ସରକାର କିଭଳି ନିଜେ ମେଳା, ମହୋତ୍ସବ ଆୟୋଜନ କରୁଛନ୍ତି ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି।



ଶିଶୁପାଳଗଡ଼ ମହୋତ୍ସବରେ ପରିବେଷିତ 'ରାମଲୀଳା'ର ଏକ ଦୃଶ୍ୟ।

### ଶିଶୁପାଳଗଡ଼ ମହୋତ୍ସବର ପ୍ରାକ୍ ଉତ୍ସବ ଉଦ୍‌ଘାଟିତ

## ଲୋକକଳାକୁ ପୁନର୍ଜୀବିତ କରିବା ଲକ୍ଷ୍ୟ

ପୁରୁଣା ଭୁବନେଶ୍ୱର, ୧୧।୧(ଡି.ଏନ୍.ଏ.)

ଶିଶୁପାଳଗଡ଼ ମହୋତ୍ସବର ଅବ୍ୟବହିତ ପୂର୍ବରୁ ଆୟୋଜକ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ(କାପୋକ) ପକ୍ଷରୁ ପ୍ରାକ୍ ଉତ୍ସବ ଶନିବାର ଆରମ୍ଭ ହୋଇଛି। ଲୋକକଳାକୁ ପୁନର୍ଜୀବିତ ପାଇଁ ସନ୍ଧ୍ୟାରେ ଶିଶୁପାଳଗଡ଼ ଦଧିବାମନ ମନ୍ଦିର ପ୍ରାଙ୍ଗଣରେ 'ରାମଲୀଳା' ପରିବେଷଣ କରାଯାଇଥିଲା। ପିପିଲି ଗୁଣ୍ଡୁଳ ଅଞ୍ଚଳର ରାମଲୀଳା ପରିବେଷଣ ସଂସ୍ଥା ସଭାପତି ମାନସ ପରିଡା, ସମ୍ପାଦକ ଦୁଷ୍ମନ୍ତ ପ୍ରଧାନ, ସଭ୍ୟ ତପନ ପରିଡା, ଉଲ୍ଲାସ ଚନ୍ଦ୍ର ପ୍ରଧାନ ଏବଂ ସାଥୀ ଅତି ନିଖୁଣ ଭାବେ ଅଭିନୟ କରିଥିଲେ। ମଞ୍ଚ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଶିଶୁପାଳଗଡ ଦଧିବାମନ ଟ୍ରଷ୍ଟି ସଦସ୍ୟମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରବିବାର କେନ୍ଦରା, ଖଞ୍ଜଣି ଇତ୍ୟାଦି ଲୋକକଳା ପରିବେଷଣ କରାଯିବ।

## ଏଏସ୍‌ବିଏମ୍‌ରେ ଅନ୍ତର୍ଜାତୀୟ ସମ୍ମିଳନୀ



ଭୁବନେଶ୍ୱର,୧୧।୧

ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ୩ ଦିନିଆ ଅନ୍ତର୍ଜାତୀୟ ପ୍ରବନ୍ଧନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ରିକ୍ସ ଅର୍ଥନୀତିର ଉତ୍ଥାନ; ଏକ ନବରାଷ୍ଟ୍ରୀୟକରଣ ଶୀର୍ଷକ ଏହି ସମ୍ମିଳନୀକୁ ପ୍ରାକ୍ତନ ରାଷ୍ଟ୍ରଦୂତ ଲଳିତ ମାନସିଂହ ଉଦଘାଟନ କରିଥିଲେ। ସେ ବ୍ରିକ୍ସ ରାଷ୍ଟ୍ର ସମୂହଗୁଡିକର ଅର୍ଥନୀତି ଉପରେ ଏଠାରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଭାରତୀୟ ଅର୍ଥନୀତିରେ ସଂସ୍କାର ଜନିତ ବିବର୍ତ୍ତନ, ଭାରତ ଏବଂ ବ୍ରିକ୍ସ ରାଷ୍ଟ୍ର ସମୂହର ଅର୍ଥନୀତିକୁ ଅବରୋଧ କରୁଥିବା ବହୁବିଧ ସମସ୍ୟା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ପ୍ରାମାଣିକ ତଥ୍ୟ ଉପସ୍ଥାପନା କରିଥିଲେ। ସମ୍ମାନିତ ଅତିଥି ଭାବେ ମାଲେସିଆ ନଟିଂହାମ ବିଶ୍ୱବିଦ୍ୟାଳୟର ଭାଇସ ପ୍ରୋଭୋଷ୍ଟ ପ୍ରଫେସର ଫରସିମ ଓମ୍ ବିଶ୍ୱସ୍ତରରେ ବୟୋଜ୍ୟେଷ୍ଠ ଜନସଂଖ୍ୟା ବୃଦ୍ଧି ଉପରେ ବକ୍ତବ୍ୟ ରଖିଥିଲେ।

ବ୍ରିକ୍ସ ଦେଶ ସମୂହଙ୍କ ମଧ୍ୟରେ ବୈଷୟିକ ଏବଂ ଯାନ୍ତ୍ରିକ ଶିକ୍ଷାର ପ୍ରସାର ଦ୍ୱାରା ସ୍ଥିର ଅର୍ଥନୀତି ସମ୍ଭବ ବୋଲି ନଟିଂହାମ ବିଶ୍ୱବିଦ୍ୟାଳୟର ଡ.ରୋଜାଲିନ ଏମ୍.ଫର୍ଣ୍ଣାଡିସ ଚୁଙ୍ଗ କହିଛନ୍ତି। ବ୍ରିକ୍ସ ଅର୍ଥନୀତିର ଉତ୍ଥାନ ଭବିଷ୍ୟତ ବିଶ୍ୱପାଇଁ ଗୁରୁତ୍ୱ ବହନ କରେ ବୋଲି କୃଷି ଓ ବୈଷୟିକ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଲୁଫତାର ରହେମାନ ମତ ରଖିଛନ୍ତି। ଉଦାରୀକରଣ, ଘରୋଇକରଣ ଏବଂ ଅନ୍ତରାଷ୍ଟ୍ରୀୟକରଣର ମୂଳ ସୂତ୍ର ସମ୍ପର୍କରେ ବିଶ୍ୱବିଦ୍ୟାଳୟର କୁଳାଧକ୍ଷ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ ଅଭିଭାଷଣ ରଖିଥିଲେ। ଦ୍ୱିତୀୟ ଦିବସରେ ୪ଟି ବୈଷୟିକ ସେସନ ଅନୁଷ୍ଠିତ ହୋଇଥିଲା। ତୃତୀୟ ଦିବସ ଶେଷ ଅଧିବେଶନରେ ପ୍ରାକ୍ତନ ରାଷ୍ଟ୍ରଦୂତ ଅବସର ବେଉରିଆ, ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ଯୁଗଳ କିଶୋର ମହାପାତ୍ର ପ୍ରମୁଖ ଯୋଗ ଦେଇ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର କଲ୍ୟାଣ ଶଙ୍କର ରାୟ, ପ୍ରୋ ଭାଇସ ଚାନସେଲର ପ୍ରଫେସର ଫାଲଗୁ ନିରଞ୍ଜନା ପ୍ରମୁଖ ଉପସ୍ଥିତ ଥିଲେ। ଦେଶ ବିଦେଶରୁ ଶତାଧିକ ପ୍ରବନ୍ଧନ ପ୍ରାଧ୍ୟାପକ, ପ୍ରଫେସର, ଗବେଷକ, ରିସର୍ଚ୍ଚ ଛାତ୍ରୀଛାତ୍ର ସମ୍ମିଳନୀରେ ଯୋଗ ଦେଇଥିଲେ।

## କେନାଲରୁ ମାଟି ଉଠାକୁ ନେଇ ବିରୋଧ

ବାଲକାଟୀ,୧୧।୧(ଡି.ଏନ୍.ଏ)

ବାଲିଅନ୍ତା ଥାନାଞ୍ଚଳରେ ଏକ ରାସ୍ତାକାମ ପାଇଁ ଗଡ଼କଣ୍ଟଣିଆ ନିକଟ ପୁରୀ କେନାଲରୁ ଶନିବାର ମାଟି ଉଠା ଯାଉଥିବାବେଳେ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ଏଥିସହ ମାଟି ଉଠାରେ ନିୟୋଜିତ ଜେସିବି ମେଶିନକୁ ଅଟକ ରଖିଛନ୍ତି। ସୂଚନା ମୁତାବକ, ରଙ୍ଗବଜାରରୁ ବାଲିଅନ୍ତା ପର୍ଯ୍ୟନ୍ତ ହେବାକୁ ଥିବା ଏହି ରାସ୍ତାକାମକୁ ଠିକାଦାର ଜଣକ ପ୍ରାୟ ୫କୋଟି ଟଙ୍କା ଟେଣ୍ଡର ମାଧ୍ୟମରେ ନେଇଛନ୍ତି। ତେବେ ପୂର୍ବାହ୍ନ ୧୦ଟାରେ ସମ୍ପୃକ୍ତ ଠିକାଦାର ଜେସିବି ଦ୍ୱାରା ପୁରୀ ମୁଖ୍ୟ କେନାଲରୁ ମାଟି ତାଡୁଥିଲେ। ଏହାଦେଖି ସ୍ଥାନୀୟ ଅଞ୍ଚଳର ଅଶୋକ କୁମାର ଜେନା ବାରଣ କରିଥିଲେ ମଧ୍ୟ କେହି କିଛି ଶୁଣି ନ ଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ସମୂହ ବିରୋଧ କରିବାରୁ ଉତ୍ତେଜନା ଦେଖାଯାଇଥିଲା। ସ୍ଥାନୀୟ ବାସିନ୍ଦା ଅଶୋକଙ୍କ କହିବା ଅନୁଯାୟୀ, ହୀରାପୁର ଗ୍ରାମର ଅଧିଷ୍ଠାତ୍ରୀ ମା' ମହାମାୟାଙ୍କ ମନ୍ଦିରର ରାସ୍ତାକାମ ପାଇଁ କିଛିଦିନ ତଳେ ମାଟିର ଆବଶ୍ୟକତା ଥିବାବେଳେ କେନାଲର ମାଟି ଉଠାଇବା ପାଇଁ କେନାଲ ଦାୟିତ୍ୱରେ ଥିବା ବାଲିପାଟଣା ଜଳସେଚନ ବିଭାଗକୁ ଅନୁମତି ମାଗିବାରୁ ବିଭାଗୀୟ ଅଧିକାରୀ ମନା କରିଥିଲେ। କିନ୍ତୁ ଆଜି ପୂର୍ତ୍ତ ବିଭାଗ ରାସ୍ତାକାମ ପାଇଁ ଏହି କେନାଲରୁ ମାଟି ଉଠାଇବା ପାଇଁ କିଭଳି ରାଜି ହେଲେ ପ୍ରଶ୍ନ କରିଛନ୍ତି। ଏ ନେଇ ବାଲିପାଟଣା ଜଳସମ୍ପଦ ବିଭାଗର ଏସ୍‌ଡିଓ ସମ୍ବିତ କୁମାର ସାହୁ କୁହନ୍ତି, କେନାଲରୁ ଠିକାଦାରଙ୍କ ମାଟି ଉଠାଣ ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଶଶିଭୂଷଣ ମିଶ୍ର ଅନୁମତି ଦେଇଛନ୍ତି। ତେଣୁ ଏଥିପ୍ରତି କିଛି ଅସୁବିଧା ନାହିଁ। ବିଡ଼ମ୍ବନାର କଥା ଯେ, ଜଣଙ୍କ ପାଇଁ ନିୟମ ନ ଥିବାବେଳେ ଆଉଜଣଙ୍କ ପାଇଁ ଅନୁମତି ମିଳିବା କି ରହସ୍ୟ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।



ଡିସିପି ସାଗରିକା ନାଥଙ୍କ ନେତୃତ୍ୱରେ ଶନିବାର ଶୁଭାରମ୍ଭ ହୋଇଥିବା ସଚେତନତା ରାଲି।

■ ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଆରମ୍ଭ

## ବାଇକ ଚଳାଇ ସଚେତନ କଲେ ଟ୍ରାଫିକ ଡିସିପି

ଭୁବନେଶ୍ୱର, ୧୧।୧(ବ୍ୟୁରୋ)

ଆରମ୍ଭ ହୋଇଛି ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ। ଶନିବାର ଭୁବନେଶ୍ୱର ଏଜି ଛକ ନିକଟ ଟ୍ରାଫିକ ଥାନାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ। ଚଳିତବର୍ଷ ଏହି କାର୍ଯ୍ୟକ୍ରମର ସ୍ଲୋଗାନ ରହିଛି 'ସୁରକ୍ଷିତ ରୁହନ୍ତୁ ସୁଖୀ ରୁହନ୍ତୁ'। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଟ୍ରାଫିକ ଡିସିପି ସାଗରିକା ନାଥ, ପରିବହନ କମିଶନର ସଞ୍ଜୀବ ପଣ୍ଡା ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଅଭିନେତାମାନେ ସାମିଲ ଥିଲେ। ଏହି ଅବସରରେ ସଚେତନତା ରାଲି କରାଯାଇଥିଲା। ଟ୍ରାଫିକ ଡିସିପି ନାଥ ବାଇକ୍ ଚଳାଇ ସଡ଼କ ସୁରକ୍ଷା ନେଇ ସଚେତନତା ସୃଷ୍ଟି କରିଥିଲେ। ଏଥିରେ ଟ୍ରାଫିକ କର୍ମଚାରୀ, ସ୍ୱେଚ୍ଛାସେବୀ ସାମିଲ ହୋଇ ହେଲ୍‌ମେଟ ପିନ୍ଧି ବାଇକ ଚଳାଇ ଟ୍ରାଫିକ ନିୟମ ମାନିବାକୁ ଲୋକଙ୍କୁ ବାର୍ତ୍ତା ଦେଇଥିଲେ। ଏଭଳି ସଚେତନତା ରାଲି ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏନେଇ ଡିସିପି ନାଥ କହିଛନ୍ତି, ଯେଉଁମାନେ ରାସ୍ତାରେ ଗାଡ଼ି ଚଳାଉଛନ୍ତି ସେମାନେ ସଚେତନ ହେବା ସହ ଅନ୍ୟଯାତ୍ରୀଙ୍କୁ ସୁରକ୍ଷିତ ରଖନ୍ତୁ। ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମରେ ପ୍ରତି ଛକକୁ ଯାଇ ଲୋକଙ୍କୁ ସଚେତନ କରିବୁ। ବିଶେଷକରି ଛୋଟ ପିଲାଙ୍କୁ ବାଇକରେ ନେଉଥିଲେ ସେମାନଙ୍କୁ ହେଲ୍‌ମେଟ ପିନ୍ଧାଇବାକୁ ମା'ବାପାଙ୍କୁ ସଚେତନ କରାଯିବ। ଟ୍ରାଫିକ ପୋଲିସ ପକ୍ଷରୁ ମିନି ହେଲ୍‌ମେଟ୍ ବଣ୍ଟାଯିବ। ଏହାସହ ଛୋଟପିଲାଙ୍କୁ ନେଇ ଏକ ଚିତ୍ରାଙ୍କନ ଓ ଗୀତ ମାଧ୍ୟମରେ ସଚେତନ କରାଯିବ। ଟ୍ରାଫିକ ନିୟମ ଯାଞ୍ଚ ପାଇଁ ୬ଟି ବାଇକ୍ ଆସିବ। ଏହି ବାଇକ ସହରର ବିଭିନ୍ନ ସ୍ଥାନରେ ବୁଲିବ। ବିଶେଷକରି ଯୁବକମାନେ ହେଲ୍‌ମେଟ ପିନ୍ଧି ଅନ୍ୟମାନଙ୍କୁ ଏଥିପାଇଁ ସଚେତନ କରିବାକୁ ରାଲି ସମୟରେ ସେ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମବେଳେ ଜୟ ଓଡିଶା ପକ୍ଷରୁ କମିଶନରେଟ ପୋଲିସ୍‌କୁ ଫାଷ୍ଟ ଏଡ୍ ବକ୍ସ ପ୍ରଦାନ କରାଯାଇଛି। ପ୍ରତି ଟ୍ରାଫିକ ପୋଷ୍ଟରେ ଏହି ବକ୍ସ ରଖାଯିବ। ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ବ୍ୟକ୍ତିଙ୍କୁ ତୁରନ୍ତ ପ୍ରାଥମିକ ଚିକିତ୍ସା କରାଯାଇପାରିବ। ଏହାର ଚାବି କେବଳ ଟ୍ରାଫିକ ପୋଲିସ ନିକଟରେ ରହିବ। ପ୍ରତି ସପ୍ତାହରେ ଏହି ସଂସ୍ଥା ଉକ୍ତ ବକ୍ସଗୁଡ଼ିକରେ ଆବଶ୍ୟକ ଔଷଧ ଓ ଅନ୍ୟ ସରଞ୍ଜାମ ମହଜୁଦ ରଖିବ।

### 'ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଦେଶ ପାଇଁ କ୍ଷତି'

ପ୍ରତିବର୍ଷ ସଡ଼କ ଦୁର୍ଘଟଣାରେ ଓଡ଼ିଶାରେ ୫ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ମୃତ୍ୟୁ ଘଟୁଥିବାବେଳେ ୭୦ ପ୍ରତିଶତ ହେଉଛନ୍ତି ଯୁବକ। ଏହି ଯୁବକଙ୍କ ମୃତ୍ୟୁ ଘଟିବା କେବଳ ତାଙ୍କ ପରିବାରକୁ ନୁହେଁ, ଦେଶ ପାଇଁ ବଡ଼ କ୍ଷତି। ତେଣୁ ଏହାକୁ ରୋକିବା ପାଇଁ ଯୁବକମାନେ ଅଧିକ ସଚେତନ ହେବା ଆବଶ୍ୟକ ବୋଲି ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ତେବେ ନୂଆ ମୋଟର ଆଇନ ଲାଗୁ ହେବା ପରେ ମୃତ୍ୟୁ ସଂଖ୍ୟା କମିଥିବା ସେ ସୂଚନା ଦେଇଛନ୍ତି।

### ତୃତୀୟ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ ଉଦ୍‌ଘାଟିତ

## ଆକର୍ଷଣ ଥିଲା ପଟ୍ଟଚିତ୍ରରେ ରାମାୟଣ କଥାବସ୍ତୁ

ପୁରୁଣା ଭୁବନେଶ୍ୱର, ୧୧।୧(ଡି.ଏନ୍.ଏ.): ଶାନ୍ତିସ୍ତୂପ ଧଉଳି ପାଦଦେଶରେ ଶନିବାର ଉଦ୍‌ଘାଟିତ ହୋଇଛି ତୃତୀୟ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ। କଲିକତା ମେଦିନୀପୁରରୁ ଆସିଥିବା ଚିତ୍ରଶିଳ୍ପୀ ପ୍ରବୀଣ ଚିତ୍ରକାର ପ୍ରଦର୍ଶିତ କରିଥିବା ପଟ୍ଟଚିତ୍ରରେ ରାମାୟଣ କଥାବସ୍ତୁ ବେଶ୍ ଆକର୍ଷଣ ଥିଲା। ୨୦ଫୁଟ୍ ଲମ୍ବ ଏହି ପଟ୍ଟଚିତ୍ରରେ ରାମ ବନବାସଠାରୁ ରାବଣବଧ ପର୍ଯ୍ୟନ୍ତ ସମସ୍ତ ପୌରାଣିକ କଥାବସ୍ତୁକୁ ସ୍ଥାନିତ କରିବା ସହ ତାହାକୁ ଦେଖାଇ ସୁନ୍ଦର ଭାବେ ଦର୍ଶକଙ୍କୁ ବୁଝାଇଥିଲେ। ବିଭିନ୍ନ ଦେଶ ଏବଂ ଭାରତର ବିଭିନ୍ନ ରାଜ୍ୟର ପ୍ରାୟ ୧୫୫୦ ଶିଶୁ ଚିତ୍ରଶିଳ୍ପୀଙ୍କର ଚିତ୍ର ଏଠାରେ ପ୍ରଦର୍ଶିତ ହୋଇଛି। ଉଦ୍‌ଘାଟନ ଉତ୍ସବରେ ହାଇଦ୍ରାବାଦର ଏମ. ରମେଶ ଏବଂ ଓଡ଼ିଶାର ବିଶ୍ୱଜିତା ମହାନ୍ତିଙ୍କୁ ଶିଳ୍ପୀ ଶରତ କୁମାର ରଥ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଧଉଳି ଚାରୁକଳା ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ମହୋତ୍ସବରେ ରାଜ୍ୟ ସଂସ୍କୃତି ବିଭାଗ ସଚିବ ମନସ୍ୱିନୀ ସାହୁ, ଟୁରିଷ୍ଟ ଅଫିସର ଅଜୟ ରାଉତ, ଶିକ୍ଷାବିତ୍ ସସ୍ମିତା ମହାନ୍ତି, ସ୍ଥାନୀୟ ସରପଞ୍ଚ ପୂର୍ଣ୍ଣିମା ସାହୁ, ସାମାଜିକ କର୍ମୀ ହରେକୃଷ୍ଣ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ପଞ୍ଚାନନ ସାମଲ କାର୍ଯ୍ୟକ୍ରମ ସଞ୍ଚାଳନ ଓ ସଭାପତି ଏଚ୍.କେ. ମିଶ୍ର, ସମ୍ପାଦକ ମିହିରକାନ୍ତ ପ୍ରହରାଜ ଉପସ୍ଥିତ ଥିଲେ।



ଶିଳ୍ପୀ ପ୍ରବୀଣ ଚିତ୍ରକାର ପ୍ରସ୍ତୁତ କରିଥିବା ପଟ୍ଟଚିତ୍ର।

■ ଟୁଟିଲା ଦାରୁଠେଙ୍ଗ ଡମ୍ପିଂୟାର୍ଡ ବିବାଦ

## ଲିଖିତ ପ୍ରତିଶ୍ରୁତି ମିଳିବା ପରେ ପଡ଼ିଲା ଅଳିଆ

ଭୁବନେଶ୍ୱର, ୧୧।୧ (ବ୍ୟୁରୋ)

■ ବର୍ଷକ ଭିତରେ ସରିବ ଏମ୍‌ସିସି କାମ

■ ଗ୍ରାମବାସୀଙ୍କ ନାଁରେ ଏତଲା ଉଠାଇବ ବିଏମ୍‌ସି

ଟୁଟିଲା ଦାରୁଠେଙ୍ଗ ଡମ୍ପିଂୟାର୍ଡ ବିବାଦ। ଲଗାତର ୩ଥର ଆଲୋଚନାପରେ ଦାରୁଠେଙ୍ଗବାସୀଙ୍କ ଦାବିକୁ ମାନି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଲିଖିତ ପ୍ରତିଶ୍ରୁତି ଦେବାପରେ ଏବେ ସେଠାରେ ପୁଣି ଅଳିଆ ପକା ଆରମ୍ଭ ହୋଇଛି। ବିଏମ୍‌ସି ପ୍ରଶାସକ ସଂଗ୍ରାମଜିତ୍ ନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ବିଏମ୍‌ସି ମୁଖ୍ୟାଳୟରେ ହୋଇଥିବା ଏହି ବୈଠକରେ ଦାରୁଠେଙ୍ଗବାସୀଙ୍କ ସହ ବିଧାୟକ ସୁରେଶ ରାଉତରାୟ ଓ ଅନ୍ୟ ବିଏମ୍‌ସି ପଦାଧିକାରୀ ଆଲୋଚନା କରିଥିଲେ।

ବୈଠକରୁ ମିଳିଥିବା ସୂଚନାନୁସାରେ, ବିଏମ୍‌ସି ପକ୍ଷରୁ ଚାଲିଥିବା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) କାର୍ଯ୍ୟ ସରିବା ପର୍ଯ୍ୟନ୍ତ ଦାରୁଠେଙ୍ଗରେ ଅଳିଆ ପଡ଼ିବ। ଯଥାଶୀଘ୍ର ବିଏମ୍‌ସି ସହରର ବିଭିନ୍ନ ୱାର୍ଡରେ ୪୩ ଏମ୍‌ସିସି କାର୍ଯ୍ୟକ୍ଷମ କରିବ। ଧୀରେ ଧୀରେ ଦାରୁଠେଙ୍ଗରେ ଅଳିଆ ପଠାଇବା କାର୍ଯ୍ୟ ବନ୍ଦ କରିବ। ସେହିପରି ପୂର୍ବରୁ ବିଏମ୍‌ସି ପକ୍ଷରୁ ଦାରୁଠେଙ୍ଗବାସୀଙ୍କ ନାଁରେ ଦିଆଯାଇଥିବା ଏତଲା ଉଠାଇବ ଓ ରହିଥିବା ଅନ୍ୟାନ୍ୟ ସମସ୍ୟାର ସମାଧାନ କରିବ। ସେଠାରେ ବାୟୋ ମାଇନିଂ ପ୍ଲାଣ୍ଟ ସ୍ଥାପନ କରିବା ନେଇ ବିଏମ୍‌ସି ଲିଖିତ ପ୍ରତିଶ୍ରୁତି ଦେଇଥିଲା। ଦାରୁଠେଙ୍ଗବାସୀ ଏହି ସର୍ତ୍ତରେ ସହମତି ପ୍ରକାଶ କରିବା ସହ ଅଳିଆ ପକାଇବା ପାଇଁ ରାଜି ହୋଇଥିଲେ। ଫଳସ୍ୱରୂପ ଅପରାହ୍ନରେ ଦାରୁଠେଙ୍ଗରେ ଅଳିଆ ପଡ଼ିଥିଲା। ସୂଚନାଯୋଗ୍ୟ, ଏହା ପୂର୍ବରୁ ଅର୍ଥାତ୍ ଗତ ୬ ଓ ୯ ତାରିଖରେ ଦୁଇଥର ବୈଠକ ବସିଥିଲା।

## ମୋଷ୍ଟ ୱାଣ୍ଟେଡ୍ ସୁଖ ଗିରଫ

### ପୂର୍ବରୁ ହୋଇଥିଲା ଏନ୍‌କାଉଣ୍ଟର

ଭୁବନେଶ୍ୱର, ୧୧।୧(ବ୍ୟୁରୋ): ଆର୍‌ପିଏଫ୍ ଓ ଜିଆର୍‌ପି ପକ୍ଷରୁ ଶନିବାର ରାତିରେ କମିଶନରେଟ୍ ପୋଲିସର ଜଣେ ମୋଷ୍ଟୱାଣ୍ଟେଡ୍ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ ଖୋର୍ଦ୍ଧାର ସୁଖ ବେହେରା। ତାଙ୍କ ନାମରେ ବିଭିନ୍ନ ଥାନାରେ ବୋମାମାଡ଼, ଡକାୟତି ଓ ଲୁଟ୍ ଆଦି ମାମଲା ରହିଛି। ଶୁକ୍ରବାର ରାତିରେ ଭୁବନେଶ୍ୱର ରେଳଷ୍ଟେଶନ ପ୍ଲାଟଫର୍ମ-୧ରେ ଯାତ୍ରୀ ରାଜେଶ କୁମାର କଳିଆଙ୍କଠାରୁ ପର୍ସ ଛଡ଼ାଇ ଦୌଡ଼ିପଳାଇଥିଲେ। ଜିଆରପି ଥାନାରେ ୧୧/୨୦ନମ୍ବରରେ ମାମଲା ରୁଜୁ କରାଯାଇ ସୁଖଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ମନିପର୍ସ, ୮୫୦୦ ଟଙ୍କା, ମୋବାଇଲ ଫୋନ ଜବତ କରାଯାଇଛି। ୨୦୧୬ରେ ଧଉଳି ନିକଟରେ କମିଶନରେଟ ପୋଲିସ୍ ସୁଖଙ୍କୁ ଏନ୍‌କାଉଣ୍ଟର କରିଥିଲା।

## କଳିଙ୍ଗ ଷ୍ଟାଡିୟମ୍‌ରେ ଯୁବତୀଙ୍କୁ ଅସଦାଚରଣ

ଭୁବନେଶ୍ୱର, ୧୧।୧(ବ୍ୟୁରୋ): କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଏକ କାର୍ଯ୍ୟକ୍ରମ ଚାଲିଥିବାବେଳେ ଇଣ୍ଡିଆନ ମାଉଣ୍ଟେନାରି ଫାଉଣ୍ଡେଶନର ଜଣେ ଅଧିକାରୀ ଜଣେ ପ୍ରତିଯୋଗୀଙ୍କ ଭଉଣୀଙ୍କୁ ଅସଦାଚରଣ କରିଥିବା ନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଶନିବାର ଆଇପିସି ଦଫା ୩୫୪, ୩୫୪(ଏ), ୩୨୩ ଓ ୩୪ ଅନୁଯାୟୀ ୨୨/୨୦ନମ୍ବରରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ଅଧିକାରୀ ଜଣକ ଶୁକ୍ରବାର କାର୍ଯ୍ୟକ୍ରମ ଶେଷ କରି ଦିଲ୍ଲୀ ପଳାଇଥିବାରୁ ପୋଲିସ କିଭଳି ତାଙ୍କୁ ଗିରଫ କରିବ ସେନେଇ ଯୋଜନା ଚଳାଇଛି।





## ସଂକ୍ଷେପରେ

### ୧୫ରେ ନିରଂକାରୀ ସନ୍ଥ ସମାବେଶ

**ନରାଜ,୧୧।୧(ଡି.ଏନ୍.ଏ.):** ବାରଙ୍ଗ ମେଡିକାଲ ଛକ ନିକଟ ଝୁନ୍‌ଝୁନ୍‌ୱାଲା ପଡ଼ିଆରେ ଜାନୁୟାରୀ ୧୫ ତାରିଖରେ ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଏକଦିବସୀୟ ବାର୍ଷିକ ନିରଂକାରୀ ସମାବେଶ ଅନୁଷ୍ଠିତ ହେବ। ବାରଙ୍ଗ ବ୍ଲକ ଅନ୍ତର୍ଗତ କନକଦୁର୍ଗା ମନ୍ଦିର ପରିସରରେ ଶନିବାର ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସନ୍ଥ ନିରଂକାରୀ ବାରଙ୍ଗ ମଣ୍ଡଳର କର୍ମକର୍ତ୍ତା ଯୋଗଦେଇଥିଲେ। ବାରଙ୍ଗରେ ପ୍ରଥମ ଥର ଲାଗି ଏହି ସମାବେଶ ଆୟୋଜନ କରାଯାଉଥିବାରୁ କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ବୈଠକରେ ଅଭିମନ୍ୟୁ ବେହେରା, ନିରଞ୍ଜନ ସାହୁ, ହୃଦାନନ୍ଦ ବେହେରା, ରଜତ ପରିଡା ଓ ନକୁଳ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ନିଗମାନନ୍ଦ ସରସ୍ୱତୀଙ୍କ ଭକ୍ତ ସମ୍ମିଳନୀ

**ବାଙ୍କୀ, ୧୧।୧(ସ୍ୱ.ପ୍ର.):** ବାଙ୍କୀ ବ୍ଲକ ଗୋଳାଗଣ୍ଡ ପଞ୍ଚାୟତ ଅନ୍ତର୍ଗତ ଅନ୍ଧାରୁଆ ଗ୍ରାମସ୍ଥିତ ଶ୍ରୀ ଶ୍ରୀ ନିଗମାନନ୍ଦ ସରସ୍ୱତୀ ଆଶ୍ରମର ୪ର୍ଥ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟଙ୍କଧର କରଣ ସଭାପତିତ୍ୱ କରିଥିଲେ। ବାଙ୍କୀ, ବୈଦେଶ୍ୱର, ନୂଆପାଟଣା, ଗୋପାଳପୁର ଆଦି ନୀଗମାନନ୍ଦ ଆଶ୍ରମର ଗୁରୁଭାଇମାନେ ଏହି ଉତ୍ସବରେ ଯୋଗଦେଇଥିଲେ। ପରିବ୍ରାଜକ ଭାବେ ଶ୍ରୀ ଶ୍ରୀ ନିଗମାନନ୍ଦ ନୀଳାଚଳବାସୀ ସଂଘ ସେବକମାନେ ଉପସ୍ଥିତଥିଲେ। କାର୍ଯ୍ୟକ୍ରମରେ ଘନଶ୍ୟାମ ମହାପାତ୍ର, ଗୋବିନ୍ଦଚନ୍ଦ୍ର ତ୍ରିପାଠୀ, ପ୍ରାଣବନ୍ଧୁ ସାହୁ, ସନାତନ ସ୍ୱାଇଁ, ବିଶ୍ୱନାଥ ବେହେରା, କବି ସୁନୀଲ କୁମାର ମିଶ୍ର ଓ ଗୋପବନ୍ଧୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଗୁରୁତର ଷଣ୍ଢର ଚିକିତ୍ସା

**ମାହାଙ୍ଗା, ୧୧।୧(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ବୁଦୁକୁନିଆ ଗ୍ରାମର ଏକ ଧାନ ବିଲରେ ଗୁରୁତର ଅବସ୍ଥାରେ ପଡିଥିବା ଷଣ୍ଢକୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିକଟସ୍ଥ ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା କରିଛନ୍ତି। ବୁଦୁକୁନିଆ ଏହି ଗ୍ରାମର ଜଣେ ଚାଷୀ ନିଜ ଧାନକ୍ଷେତରେ ଧାନ ଗୋଛା ଆଣିବା ପାଇଁ ଯାଇଥିବାବେଳେ ଷଣ୍ଢକୁ ଗୁରୁତର ଅବସ୍ଥାରେ ଦେଖିଥିଲେ। ତାର ମଳଦ୍ୱାରରେ ଗଭୀର କ୍ଷତ ହୋଇଥିବା ଦେଖି ସ୍ଥାନୀୟ ଲୋକଙ୍କୁ କହିଥିଲେ। ଏନେଇ କୁଆଁପାଳ ଦମକଳବାହିନୀରେ ଖବର ଦିଆଯାଇଥିଲା। ଦମକମଳ ବାହିନୀ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଷଣ୍ଢଟିକୁ ବାଉଁଶ ଧଡା ସାହାଯ୍ୟରେ ପ୍ରାଣୀ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ମୃଣ୍ମୟ ପଣ୍ଡା ଉକ୍ତ ଷଣ୍ଢର ଚିକିତ୍ସା କରିଛନ୍ତି। କୌଣସି ଅମାନୁଷିକ ବ୍ୟକ୍ତି ଉକ୍ତ ଷଣ୍ଢର ଏପରି ଅବସ୍ଥା କରିଥିବା ଆଶଙ୍କା କରାଯାଉଛି।

### ଭିଲେଜକପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ନରାଜ,୧୧।୧(ଡି.ଏନ୍.ଏ.):** ବାରଙ୍ଗ ବ୍ଲକ ଅନ୍ତର୍ଗତ ମଧୁପୁର ଖେଳପଡିଆରେ ୨ ଦିବସୀୟ ମଧୁପୁର ଭିଲେଜ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଜୟଶ୍ରୀରାମ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଗ୍ରାମର ଖେଳାଳିମାନଙ୍କୁ ୬ଟି ଦଳରେ ବିଭକ୍ତ କରାଯାଇଥିଲା। ଦଳଗୁଡିକର ନାମ ଯଥାକ୍ରମେ ଜୟଶ୍ରୀରାମ ସୁପର ଷ୍ଟାର, ଆଣ୍ଟୁଆ ଗୋପାଳ ୱାରିଅର୍ସ, ନାୟକ ଟାଇଗର, ସାହୁ ବ୍ରଦର୍ସ, ବାବା ଜଳେଶ୍ୱର ଓ ରାଉତ ଲାୟନର୍ସ ଦିଆଯାଇଥିଲା। ପ୍ରାତଃ ସମୟରେ ସମସ୍ତ ଖେଳାଳି ଏକତ୍ରିତ ହୋଇ ତ୍ରିଶୁଳିଆ ଛକ ନିକଟସ୍ଥ ବାଉଁଜୋରି ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ବାହାରି ଖେଳପଡ଼ିଆ ପର୍ଯ୍ୟନ୍ତ ଯାଇଥିଲେ। ଗ୍ରାମମୁରବୀ ସୁଧାକର ପ୍ରଧାନ ଓ ପୀତବାସ ସାହୁ ଏଥିରେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ପ୍ରଥମ ଦିନରେ ୫ ଓଭର ବିଶିଷ୍ଟ ୬ଟି ଲିଗ ମ୍ୟାଚ ଖେଳାଯାଇଥିଲା। ଅମ୍ପାୟର ଭାବେ ଏହି ଖେଳକୁ ତ୍ରିଲୋକ ରାଉତ, ପଙ୍କଜ ରାଉତ, ନିରଞ୍ଜନ ସାହୁ ,ମିଟୁ ସାହୁ,ବାପି ମଲ୍ଲିକ ଓ ଜିତୁ ନାୟକ ପରିଚାଳନା କରିଥିଲେ। ଜୟଶ୍ରୀରାମ କ୍ରିକେଟ କ୍ଲବର ଆଦିକନ୍ଦ ପାଳ, ପିଲୁ ସାହୁ, ପ୍ରକାଶ ସାହୁ ଓ ସୁନା ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# କୋଟିଏ ଟଙ୍କାର ଦୁର୍ନୀତିକୁ ନେଇ ତନାଘନା

**ଆର୍ ଆଣ୍ଡ ବି ଡିଭିଜନ(୧)**

- ୧୦୦୦ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ଦାଖଲ
- ଭିଜିଲାନ୍ସ ଗିରଫଦାରିକୁ ନେଇ ଛନକା

**କଟକ ଅଫିସ, ୧୧।୧**

କଟକସ୍ଥିତ ରାସ୍ତା ଓ କୋଠାବାଡି ନିର୍ମାଣ (ଆର୍ ଆଣ୍ଡ ବି) ଡିଭିଜନ(୧)ରେ କୋଟିଏ ଟଙ୍କାର ଦୁର୍ନୀତି ହୋଇଥିବା ଭିଜିଲାନ୍ସ ନିକଟରେ ଆଉ ଏକ ଅଭିଯୋଗ ହୋଇଛି। ଏହାକୁ ନେଇ ତନାଘନା ଆରମ୍ଭ ହୋଇଛି। ଏସ୍‌ସିବି ମେଡିକାଲ ପୁରୁଣା ଆଉଟଡୋର ମରାମତିକୁ ନେଇ ଏହି ଦୁର୍ନୀତି ହୋଇଥିଲା। ଏଥିରେ ଯନ୍ତ୍ରୀ, ଠିକାଦାର ଓ ମେଡିକାଲର ବଡ ପାହ୍ୟାର ଅଧିକାରୀମାନେ ସାମିଲ ଥିବା ନେଇ ଅଭିଯୋଗକାରୀ ତଥା ସାମାଜିକ କର୍ମୀ ଅଚ୍ୟୁତ କୁମାର ସାହୁ ଭିଜିଲାନ୍ସ କଟକ ଡିଭିଜନ ନିକଟରେ ଅଭିଯୋଗ କରିଥିଲେ। ସେ ରୋଗୀ ସମ୍ପର୍କୀୟ, ସାଧାରଣ ଜନତା ଓ ସଚେତନ ବର୍ଗର ଲୋକଙ୍କୁ ମିଶାଇ ମୋଟ୍ ୧ହଜାର ଦସ୍ତଖତ ସମ୍ବଳିତ ଏକ ଅଭିଯୋଗପତ୍ର ଭିଜିଲାନ୍ସ ନିକଟରେ ଦାଖଲ କରିଥିଲେ। ଉକ୍ତ ଅଭିଯୋଗ ଉପରେ ତଦନ୍ତ କରାଯାଉଛି ବୋଲି ଭିଜିଲାନ୍ସ କଟକ ଡିଭିଜନ ଏସ୍‌ପି ଶଶିଭୂଷଣ ମିଶ୍ର କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବ୍ରିଟିଶ ଅମଳର ଏସ୍‌ସିବି ପୁରୁଣା ଆଉଟଡୋର ଏହି କୋଠା ମରାମତି ଆବଶ୍ୟକ କରୁଥିବା ଦର୍ଶାଯାଇ ଆର୍ ଆଣ୍ଡ ବି ଡିଭିଜନ, ଜିଇଡି ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଖାପାଖି ୧କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। କୋଠା ମରାମତି ନିମନ୍ତେ ଆଉଟଡୋରକୁ ସାମୟିକଭାବେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ପରେ ମରାମତି ଶେଷ ହେବା ସହ ରଙ୍ଗ ଦିଆଯାଇ ପୁରୁଣା ଆଉଟଡୋର କୋଠାକୁ ନୂଆ ରୂପ ଦିଆଯାଇଥିଲା। ଏହାପରେ ଆଉଟଡୋରକୁ ପୁନର୍ବାର ପୁରୁଣା କୋଠାକୁ ଫେରାଇ ଅଣାଯାଇଥିଲା। ସବୁ ଠିକ୍ ଥିବାବେଳେ ହଠାତ୍ ୨୦୧୬ ନଭେମ୍ବର ୧୧ ତାରିଖରେ ଉକ୍ତ କୋଠା ବିପଦସଙ୍କୁଳ ବୋଲି ଆର୍ ଆଣ୍ଡ ବି ଡିଭିଜନ ପକ୍ଷରୁ ମେଡିକାଲ ଅଧୀକ୍ଷକଙ୍କ ଚାମ୍ବରରେ ଆୟୋଜିତ ଏକ ବୈଠକରେ ଘୋଷଣା କରାଯାଇଥିଲା। ଏତେ ଟଙ୍କା ଖର୍ଚ୍ଚ କରି ମରାମତି କରାଯାଇଥିବା କୋଠା ଗୋଟିଏ ବର୍ଷ ପରେ ବିପଦସଙ୍କୁଳ ଘୋଷିତ ହେବାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ହେଲେ ସେ ସମୟରେ ମେଡିକାଲ କର୍ତ୍ତୃପକ୍ଷ ଓ ଆର ଆଣ୍ଡ ବି ଡିଭିଜନ ଅଧିକାରୀ ପରସ୍ପର ଉପରେ ଦୋଷ ଲଦାଲଦି ହୋଇଥିଲେ। ମେଡିକାଲ କର୍ତ୍ତୃପକ୍ଷ କହିଥିଲେ ନିର୍ମାଣ କାର୍ଯ୍ୟର ସ୍ଥାୟିତ୍ୱ ଆକଳନ କରିବା ଆର ଆଣ୍ଡ ବି ଡିଭିଜନର କାମ। ତେଣୁ ସେମାନେ ମରାମତି କରିବା ପରେ ଆମେ ଉକ୍ତ କୋଠାରେ ରୋଗୀସେବା ଆରମ୍ଭ କରିଥିଲୁ। ପୁଣି ଯେତେବେଳେ ସେମାନେ ମନା କଲେ ଆମେ ଘର ଛାଡିବାକୁ ବାଧ ହେଲୁ। ଅନ୍ୟପକ୍ଷରେ ଆର ଆଣ୍ଡ ବି ଡିଭିଜନ ପକ୍ଷରୁ କୁହାଯାଇଥିଲା, ଉକ୍ତ କୋଠା ବହୁ ପୁରୁଣା ଥିବାରୁ ଏହା ଉପରେ କୌଣସି ଭରସା ନ ଥିବା ଆମେ ଆରମ୍ଭରୁ କହିଥିଲୁ। ମାତ୍ର ଆମକୁ ବାଧ କରାଯିବାରୁ ଆମେ ମରାମତି କରିଥିଲୁ। ଆର ଆଣ୍ଡ ବି ଡିଭିଜନ ଓ ମେଡିକାଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏଭଳି ଟଣାଓଟରା ଲାଗି ରହିବାରୁ ସାମାଜିକ କର୍ମୀ ସାହୁ ଘଟଣା ସମ୍ପର୍କରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। କୋଠା ମରାମତି ବାବଦରେ ଖର୍ଚ୍ଚ କରାଯାଇଥିବା ଟଙ୍କାକୁ ଯନ୍ତ୍ରୀ, ଠିକାଦାର ଓ ଦାୟୀ ଅଧିକାରୀଙ୍କ ଠାରୁ ଭରଣା କରିବାକୁ ସେ ଅଭିଯୋଗରେ ଦାବି କରିଥିଲେ। ଇତିମଧ୍ୟରେ ୩ବର୍ଷ ବିତିଛି। ଉକ୍ତ କୋଟିଏ ଟଙ୍କାର ଦୁର୍ନୀତିରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା କେବଳ ଭିଜିଲାନ୍ସ ତଦନ୍ତରୁ ଜଣାପଡିବ ବୋଲି ଅଭିଯୋଗକାରୀ ସାହୁ କହିଛନ୍ତି। ଏ ସମ୍ପର୍କରେ ମେଡିକାଲ୍‌ର ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରାଙ୍କୁ ପଚାରିବାରୁ ଏହା ମୋ ଅମଳର ଘଟଣା ନୁହେଁ, ତେଣୁ ମୋ ପକ୍ଷରେ କହିବା ମୁସ୍କିଲ ବୋଲି କହିଥିବାବେଳେ ଆର୍ ଆଣ୍ଡ ବି ଡିଭିଜନ(୧)ର ନିର୍ବାହୀଯନ୍ତ୍ରୀ ଏମ୍.ଆର୍. ଖାନ୍ ମଧ୍ୟ ସମାନ ଉତ୍ତର ଦେଇଥିଲେ।

ସୂଚନାଯୋଗ୍ୟ, କଟକସ୍ଥିତ(ଆର୍ ଆଣ୍ଡ ବି) ଡିଭିଜନ(୨)ରେ ୪୩ଲକ୍ଷ ୧୬ହଜାର ୪୪ଟଙ୍କାର ଦୁର୍ନୀତିକୁ ନେଇ ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ବିମଳ ଚନ୍ଦ୍ର ଦାସଙ୍କ ସମେତ ୭ଜଣଙ୍କୁ ଭିଜିଲାନ୍ସ ଗିରଫ କରି ଜେଲ୍‌ପଠାଇଛି। ତାଳଦଣ୍ଡା କେନାଲ ଉପରେ ଏକ ସେତୁ ନିର୍ମାଣକୁ ନେଇ ଏହି ଦୁର୍ନୀତି ହୋଇଥିଲା। ଉକ୍ତ ଦୁର୍ନୀତି ଓ ଭିଜିଲାନ୍ସର ଗିରଫଦାରିକୁ ନେଇ ଆର୍ ଆଣ୍ଡ ବି ଡିଭିଜନ ଅଧିକାରୀଙ୍କ ମନରେ ଛନକା ପଶିଛି।

## ଗଦାଧରପୁର କପ କ୍ରିକେଟ ଫାଇନାଲରେ ଦିଶା ବୈଦେଶ୍ୱର

**ତିଗିରିଆ, ୧୧।୧(ଡି.ଏନ୍.ଏ.)**

ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ହାଇସ୍କୁଲ ଖେଳପଡ଼ିଆରେ ମା'ଭବାନୀ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୯ତମ ଗଦାଧରପୁର କପ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରଦର୍ସ ଆଣ୍ଡ ବ୍ରଦର୍ସ ସ୍ପୋର୍ଟ୍ସ କ୍ଲବ ବଡ଼ମ୍ବା ଓ ଦିଶା ବୈଦେଶ୍ୱର ପରସ୍ପରକୁ ଭେଟିଥିଲେ। ପ୍ରଥମେ ଟସ ଜିତି ବଡ଼ମ୍ବା ନିର୍ଦ୍ଧାରିତ ୨୫ ଓଭର ମଧ୍ୟରୁ ୨୪.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୬୯ରନ କରିଥିଲା। ଜବାବରେ ବୈଦେଶ୍ୱର ୨୧.୫ ଓଭରରେ ୮ ଉଇକେଟ୍ ବିନିମୟରେ ୧୭୧ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ମ୍ୟାଚରେ ମୁଖ୍ୟଅତିଥି ଭାବେ ଗଦାଧରପୁର ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସୀତାକାନ୍ତ ଅତିବୁଦ୍ଧି ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବୈଦେଶ୍ୱର ପକ୍ଷରୁ ଜଗନ ବେହେରା ସର୍ବୋକୃଷ୍ଠ ପ୍ରଦର୍ଶନ କରି ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପାଇଥିଲେ। ରମେଶ ସ୍ୱାଇଁ ଓ ନରେଶ ରାଉତ ମ୍ୟାଚ ପରିଚାଳନା କରିଥିଲେ। ତୁଷାରକାନ୍ତ ସେଠୀ ଓ ଅଶୋକ ଖଟୁଆ ଏଥିରେ ଧାରାବିବରଣୀ ପ୍ରଦାନ କରିଥିଲେ।

## ପୂର୍ଣ୍ଣାଙ୍ଗ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱ



ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସର ବାର୍ଷିକ ଉତ୍ସବରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

**ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ ବାର୍ଷିକ ଉତ୍ସବ**

**ତିଗିରିଆ, ୧୧।୧(ଡି.ଏନ୍.ଏ.)**

ତିଗିରିଆ ବ୍ଲକ ନୂଆପାଟଣାସ୍ଥିତ ମାତୃପୀଠରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସର ୧୦ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାତୃପୀଠରେ ମାତୃପତାକା ଉତ୍ତୋଳନ, ବନ୍ଦେମାତରମ୍ ଓ ଶିକ୍ଷାର୍ଥୀଙ୍କ ଦ୍ୱାରା ମାର୍ଚ୍ଚ ପାଷ୍ଟ ଆଦି ହୋଇଥିଲା। ପରେ ସମାଧି ପୀଠରେ ଧୂପ, ପୁଷ୍ପ ଅର୍ପଣ ସହ ସମବେତ ଧ୍ୟାନ କରାଯାଇଥିଲା। ସୁବାସ ଚନ୍ଦ୍ର କର ଓ କୀର୍ତ୍ତନ ବିହାରୀ ବ୍ରହ୍ମଙ୍କ ଦ୍ୱାରା ଆଧ୍ୟାତ୍ମିକ ଆଲୋଚନା ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସଭାପତି ପ୍ରକାଶ କୁମାର ଦାସ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଖାଦ୍ୟଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଶ୍ରୀ ଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ମାର୍ଗଦର୍ଶନ ସମ୍ପର୍କରେ କହିଥିଲେ। ପୂର୍ଣ୍ଣାଙ୍ଗ ଶିକ୍ଷା କିଭଳି ଭାବେ ଆଜିର ଆବଶ୍ୟକତା ହୋଇପଡ଼ିଛି ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତାଭାବେ ତିଗିରିଆ ବ୍ଲକ ଶିକ୍ଷା ଅଧିକାରୀ ଡ. ଦୁର୍ଗା ଚରଣ ନାୟକ, ସମ୍ମାନିତ ଅତିଥି ତିଗିରିଆ ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ, ଜିଲାପରିଷଦ ସଭ୍ୟା ରଶ୍ମିତା ମହାଳିକ, ନୂଆପାଟଣା ସରପଞ୍ଚ ସବିତା କୁଣ୍ଡୁ ଓ ନୂଆପାଟଣା ଚୈତନ୍ୟ ସାହୁ ମହାବିଦ୍ୟାଳୟ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ସଞ୍ଜୟ କର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ ଏହାକୁ ପରିଚାଳନା କରିଥିଲେ।

## ୬୮୪ ଦେଲେ ନବୋଦୟ ପ୍ରବେଶିକା ପରୀକ୍ଷା

**ବାଙ୍କୀ,୧୧।୧(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡର ବି.କେ.ବିଦ୍ୟାପୀଠ, ସରକାରୀ ବାଳିକା ହାଇସ୍କୁଲ, ବ୍ରହ୍ମପୁରା ରଘୁନାଥ ଦେବ ବିଦ୍ୟାପୀଠ ଓ ବ୍ରହ୍ମପୁରା ସଚଳାଦେବୀ ବାଳିକା ହାଇସ୍କୁଲ କେନ୍ଦ୍ରରେ ଶନିବାର ଜବାହର ନବୋଦୟ ପ୍ରବେଶ ପରୀକ୍ଷା ହୋଇଯାଇଛି। ବାଙ୍କୀ ଉପଖଣ୍ଡରେ ସମୁଦାୟ ୬୮୪ଜଣ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିଲେ। ବି.କେ.ବିଦ୍ୟାପୀଠ କେନ୍ଦ୍ରରେ ୨୦୪, ସରକାରୀ ବାଳିକା ହାଇସ୍କୁଲରେ ୧୩୩, ରଘୁନାଥ ଦେବ ବିଦ୍ୟାପୀଠରେ ୨୦୩ ଓ ସଚଳାଦେବୀ ଉଚ୍ଚ ବାଳିକା ବିଦ୍ୟାଳୟରେ ୧୪୪ଜଣ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିଲେ। ବି.କେ.ବିଦ୍ୟାପୀଠ କେନ୍ଦ୍ରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ, ସରକାରୀ ବାଳିକା ହାଇସ୍କୁଲରେ ଶର୍ମିଳା ସାହୁ, ରଘୁନାଥଦେବ ବିଦ୍ୟାପୀଠରେ ଦିଲ୍ଲୀପ ପରିଡା ଓ ସଚଳାଦେବୀ ବାଳିକା ହାଇସ୍କୁଲରେ ସବିତା ରାଣୀ ମହାନ୍ତି ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ। ନବୋଦୟ ଅନୁଷ୍ଠାନ ପକ୍ଷରୁ ତପସ୍ୱିନୀ ପଣ୍ଡା, ନୟନ କୁମାର ଦାଶ, ବାବାଜୀ ସାହୁ, ନୀଳକଣ୍ଠ ମିଶ୍ର ପ୍ରମୁଖ ପର୍ଯ୍ୟବେକ୍ଷକଭାବରେ ଉପସ୍ଥିତ ରହି ପରୀକ୍ଷା କେନ୍ଦ୍ରଗୁଡିକ ତଦାରଖ କରିଥିଲେ। ବାଙ୍କୀ ବ୍ଲକ ଶିକ୍ଷାଧିକାରୀ ଅଶୋକ କୁମାର ମହାନ୍ତି ଓ ଡମପଡ଼ା ବ୍ଲକ ଶିକ୍ଷାଧିକାରୀ ପ୍ରତିମା ସୁନ୍ଦରୀ ଦଳେଇ ପରୀକ୍ଷା କେନ୍ଦ୍ରଗୁଡିକୁ ବୁଲି ଦେଖିଥିଲେ।

## ଡଙ୍ଗାବୁଡ଼ି ସ୍ଥାନ ଅନୁଧ୍ୟାନ କଲେ ବିଧାୟକ

**ବଡ଼ମ୍ବା,୧୧।୧(ଡି.ଏନ୍.ଏ.)**

ବଡ଼ମ୍ବା ଥାନା ଅନ୍ତର୍ଗତ ମା'ଭଟ୍ଟାରିକା ପୀଠ ନିକଟ ମହାନଦୀରେ ଡଙ୍ଗା ବୁଡି ଘଟଣାରେ ଇଞ୍ଜିନିୟର ସୁନୀଲ କୁମାର ସାହୁଙ୍କ ଶନିବାର ମୃତଦେହ ଉଦ୍ଧାର ହୋଇଛି। ଖବରପାଇ ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ୨ ଜଣଙ୍କୁ ଉଦ୍ଧାର କରିଥିବା ଶଶାଙ୍ଗ ଗ୍ରାମର ସନାତନ ବେହେରା, ସରୋଜ ବେହେରା ଓ ଅଜୟ ସେଠୀଙ୍କୁ ପୁରସ୍କାର ସ୍ୱରୂପ ୫୦୦ଟଙ୍କା ଲେଖାଏଁ ସହାୟତା ଦେଇଛନ୍ତି। ଏଥିସହ ସେମାନଙ୍କୁ ସାହସିକତା ସମ୍ମାନ ପ୍ରଦାନ କରିବା ପାଇଁ ପୋଲିସ୍ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ନଦୀରେ ସୁନୀଲଙ୍କ ସହ ଅନ୍ୟ ୨ ଜଣ ସାଙ୍ଗ ଡଙ୍ଗା ସହ ବୁଡିଯାଉଥିବା ବେଳେ ସେମାନଙ୍କ ଚିତ୍କାର ଶୁଣି ଏହି ୩ ଯୁବକ ଗଭୀର ଜଳକୁ ଯାଇ ଅଞ୍ଜନ ନାୟକ ଓ ନବକିଶୋର ମହାନ୍ତିଙ୍କୁ ଉଦ୍ଧାର କରିଥିଲେ। ଅପରପକ୍ଷେ ପ୍ରାୟ ୨ ବର୍ଷ ପୂର୍ବେ ମା'ଭଟ୍ଟାରିକାଙ୍କ ପୀଠରେ ଫାଣ୍ଡି ପ୍ରତିଷ୍ଠା ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ପର୍ଯ୍ୟଟକଙ୍କ ନୌବିହାର ପାଇଁ ଏକ ସ୍ୱତନ୍ତ୍ର ସ୍ୱୀକୃତିପ୍ରାପ୍ତ ଡଙ୍ଗା ଓ ଲାଇଫ ଜ୍ୟାକେଟ୍‌ର ବ୍ୟବସ୍ଥା କରିବା ନିମନ୍ତେ ଭଟ୍ଟାରିକା ସରପଞ୍ଚ, ସମିତିସଭ୍ୟ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ।



ବିଧାୟକ ଦେବୀ ପ୍ରସାଦ ମିଶ୍ର ୩ ସାହସୀ ଯୁବକଙ୍କୁ ପୁରସ୍କୃତ କରୁଛନ୍ତି।

## ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ

# ୫ ନୂତନ ବିଷୟରେ ସ୍ନାତକୋତ୍ତର ପାଇଁ ଅନୁମତି

**ବାଙ୍କୀ, ୧୧।୧(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୫ ନୂତନ ବିଷୟରେ ସ୍ନାତକୋତ୍ତର ଓ ୨ ବିଷୟରେ ଅନର୍ସ ଖୋଲିବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଅନୁମତି ମିଳିଛି। ଏହି କଲେଜରେ ସ୍ନାତକୋତ୍ତର ନିମନ୍ତେ ପ୍ରାଣୀ ବିଜ୍ଞାନ, ଇଂଲିଶ୍, ମନସ୍ତତ୍ତ୍ୱ ବିଭାଗ, ଗୃହ ବିଜ୍ଞାନ ବିଭାଗରେ ୧୬ ଲେଖାଏଁ ସିଟ ଓ ବାଣିଜ୍ୟ ବିଭାଗରେ ୩୨ ସିଟ୍ ଖୋଲିବା ପାଇଁ ଅନୁମତି ମିଳିଛି। ସେହିପରି ଭୂଗୋଳ ଓ ପରିସଂଖ୍ୟାନ ବିଭାଗର ସମ୍ମାନ ଶ୍ରେଣୀରେ ୧୬ ଲେଖାଏଁ ସିଟ୍ ଖୋଲିବା ପାଇଁ ଅନୁମତି ଦିଆଯାଇଛି। ଆସନ୍ତା ୨୦୨୦-୨୧ବର୍ଷ ଠାରୁ ଏହା କାର୍ଯ୍ୟକାରୀ ହେବ ବୋଲି ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ଏଥିପାଇଁ ବାଙ୍କୀ କଲେଜ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ତ୍ରିପାଠୀ ଓ ଅଧ୍ୟକ୍ଷ ସଦାନନ୍ଦ ବାରିକ ଏନେଇ ଉଚ୍ଚ ଶିକ୍ଷା ବିଭାଗ ମନ୍ତ୍ରୀ ଡ.ଅରୁଣ କୁମାର ସାହୁ, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଯୋରରୁ ମଣିଷ କଙ୍କାଳ ଉଦ୍ଧାର

**କଣ୍ଟାପଡ଼ା,୧୧।୧(ଡି.ଏନ୍.ଏ.)**

ଫୁଲନଖରା-ନିଆଳି ରାସ୍ତାର ବାଗଲପୁର ନିକଟସ୍ଥ ପାଣିଯୋରରୁ ଶନିବାର ଓଲଟପୁର ପୋଲିସ ଏକ ମଣିଷ କଙ୍କାଳକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୦) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଉକ୍ତ କଙ୍କାଳଟି ଯୋରରେ ଥିବା ଲଟାରେ ଛନ୍ଦି ହୋଇଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ମୃତଦେହରେ ଇଂଲିଶ ଅକ୍ଷରରେ କମ୍ପାସ ଲେଖାଥିବା ଧଳାଗଞ୍ଜି ରହିଥିବା ବେଳେ ଏକ ହାଫ୍ ପ୍ୟାଣ୍ଟ ରହିଛି। ଓଲଟପୁର ଥାନାରେ କୌଣସି ନିଖୋଜ ଅଭିଯୋଗ ହୋଇ ନ ଥିବାରୁ ଏ ସମ୍ପର୍କରେ ଅନ୍ୟ ଥାନାକୁ ଜଣାଯାଇଛି ବୋଲି କଟକସଦର ଉପଖଣ୍ଡ ପୋଲିସ ଅଧିକାରୀ ସୁବାସ ଚନ୍ଦ୍ର ପଣ୍ଡା କହିଛନ୍ତି।

## ଶିକ୍ଷା ଜୀବନ ଗଢ଼ି ତୋଳିବାର ଆଲୋକ ସଦୃଶ

**ଆଠଗଡ଼,୧୧।୧(ସ୍ୱ.ପ୍ର.)**

ଆଠଗଡ଼ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ହରେକୃଷ୍ଣ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ଅମିୟ କୁମାର ସାହୁ ଯୋଗଦେଇ ଶିକ୍ଷା ହିଁ ଜୀବନ ଗଢ଼ି ତୋଳିବାର ଆଲୋକ ସଦୃଶ୍ୟ ବୋଲି କହିଥିଲେ। ଶୈକ୍ଷିକ ବାତାବରଣ ମଧ୍ୟରେ ଛାତ୍ରୀଛାତ୍ରମାନେ ନିଜର ପ୍ରତିଭାକୁ ବିକଶିତ କରିପାରିଲେ ସେମାନଙ୍କର ଉନ୍ନତି ହେବା ନେଇ ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ତପନ କୁମାର ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଚିତ୍ତରଞ୍ଜନ ପଟ୍ଟନାୟକ ଓ ଅନ୍ୟମାନେ ସହଯୋଗ କରିଥିଲେ।




ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନା

# ମିଳୁନି କୁକୁର କାମୁଡ଼ା ଇଞ୍ଜେକ୍ସନ, ରୋଗୀ ହନ୍ତସନ୍ତ

**ଆଠଗଡ଼,୧୧।୧(ସ୍ୱ.ପ୍ର.)**



- ଚିକିତ୍ସାଳୟ, ଔଷଧ ଦୋକାନରେ ମିଳୁନି ଇଞ୍ଜେକ୍ସନ
- ପ୍ରତିଦିନ ୬୦ରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହେଉଛନ୍ତି

ଆଠଗଡ଼ ଉପଖଣ୍ଡ ସରକାରୀ ଡ଼ାକ୍ତରଖାନାରେ ଦୀର୍ଘ ୪ ମାସ ହେବ କୁକୁର କାମୁଡ଼ା ଇଞ୍ଜେକ୍ସନ୍ ମିଳୁ ନ ଥିବା ବେଳେ ବଜାରରେ ମଧ୍ୟ ଉପଲବ୍ଧ ହେଉନାହିଁ। ଫଳରେ କୁକୁର କାମୁଡ଼ାରେ ଆକ୍ରାନ୍ତ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଡ଼ାକ୍ତରଖାନାରେ ଆଠଗଡ଼ ବ୍ୟତୀତ ବଡ଼ମ୍ବା, ନରସିଂହପୁର, ତିଗିରିଆ, ବାଙ୍କୀ, ଟାଙ୍ଗୀ-ଚୌଦ୍ୱାର ଓ ଢେଙ୍କାନାଳ ଅଞ୍ଚଳର ରୋଗୀମାନେ ଚିକିତ୍ସିତ ହୋଇଥାନ୍ତି। ପ୍ରତିଦିନ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ କୁକୁର କାମୁଡ଼ାରେ ଆକ୍ରାନ୍ତ ହୋଇ ଏଠାକୁ ଚିକିତ୍ସା ନିମନ୍ତେ ଆସିଥାନ୍ତି। ମାତ୍ର ଗତ କିଛି ମାସ ହେବ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଇଞ୍ଜେକ୍ସନ୍ ଯୋଗାଣ ବନ୍ଦ ହୋଇଯାଇଛି। ଆଠଗଡ଼ ଡ଼ାକ୍ତରଖାନାରେ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଏହି ଇଞ୍ଜେକ୍ସନ୍ ଉପଲବ୍ଧ ହେଉଥିଲା। ପରବର୍ତ୍ତୀ ସମୟରେ ଡ଼ାକ୍ତରଖାନାକୁ ଆସୁଥିବା ରୋଗୀମାନେ ଇଞ୍ଜେକ୍ସନ୍ ନ ପାଇ ନିରାଶ ହେଉଥିଲେ। ବାଧ ହୋଇ ଔଷଧ ଦୋକାନରୁ ଅଧିକ ଦାମ୍ ଦେଇ ଏହାକୁ କିଣୁଥିଲେ। ଏବେ ସରକାରୀ ଡ଼ାକ୍ତରଖାନା ହେଉ ଅବା ଔଷଧ ଦୋକାନ କେଉଁଠିବି ଏହି ଇଞ୍ଜେକ୍ସନ୍ ମିଳୁନାହିଁ।

ଗତ ୬ ତାରିଖରେ ଆଠଗଡ଼ ଥାନା ଅନ୍ତର୍ଗତ କରିକୋଲ, ଯୋରନ୍ଦା, ତରଡ଼ିଙ୍ଗ ଓ କରକମଳ ଗ୍ରାମରେ ୨ଟି ପାଗଳା କୁକୁର ପ୍ରାୟ ୮ ଜଣଙ୍କୁ କାମୁଡ଼ି ଥିଲା। ସେମାନେ ଆଠଗଡ଼ ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ଆସି ନିରାଶ ହୋଇଥିଲେ। ସେହିପରି ଆଠଗଡ଼ସ୍ଥିତ ସେଣ୍ଟ ଜାଭିୟର୍ ହାଇସ୍କୁଲର ଶୁକ୍ରବାର ବାର୍ଷିକ ଉତ୍ସବ ଦେଖିବା ପାଇଁ ଯାଉଥିବା ବେଳେ ଏକ ପାଗଳ କୁକୁର ୬ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଗୋଡ଼ାଇ ଗୋଡ଼ାଇ କାମୁଡ଼ିଥିଲା। ସେମାନେ ଚିକିତ୍ସା ନିମନ୍ତେ ଇଞ୍ଜେକ୍ସନ ଖୋଜି ଖୋଜି ନୟାନ୍ତ ହୋଇଥିଲେ। ଆଠଗଡ଼ ଡ଼ାକ୍ତରଖାନା ଓ କୌଣସି ଔଷଧ ଦୋକାନରୁ ଏହି ଔଷଧ ନ ପାଇ ରୋଗୀମାନେ କଟକ ବଡ଼ ଡାକ୍ତରଖାନା ଯିବାକୁ ବାଧ ହୋଇଥିଲେ। ସେଠାରେ ମଧ୍ୟ ଏହି ଔଷଧ ମିଳି ନ ଥିବା ସୂଚନା ମିଳିଛି। କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲରେ ଏହା ଉପଲବ୍ଧ ହେଉଥିଲେ ମଧ୍ୟ ସଂଖ୍ୟାଧିକ ରୋଗୀଙ୍କ ପାଇଁ ଏହା ଯଥେଷ୍ଟ ନୁହେଁ ବୋଲି କୁହାଯାଇଛି। କଟକ ଅବା ଆଠଗଡ଼ର କୌଣସି ଔଷଧ ଦୋକାନରେ ଏହି ଇଞ୍ଜେକ୍ସନ୍ ନ ମିଳିବାରୁ ଜଳାତଙ୍କ ରୋଗ ବ୍ୟାପିବାର ଆଶଙ୍କା ଦେଖାଦେଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଧିକାରୀ ଡ଼ାକ୍ତର ବିଜୟ କୁମାର ମିଶ୍ର କହିଛନ୍ତି, ରାଜ୍ୟର କୌଣସି ଡ଼ାକ୍ତରଖାନାରେ ଏହି ଇଞ୍ଜେକ୍ସନ୍ ଉପଲବ୍ଧ ନାହିଁ। ସରକାରୀସ୍ତରରେ ନିଷ୍ପତ୍ତି ପରେ ତାହା କ୍ରୟ କରାଯାଇ ଡ଼ାକ୍ତରଖାନାକୁ ଯୋଗାଇ ଦେବା ଲାଗି ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।



ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
-ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ମହାନଦୀରେ ବୁଡ଼ି ଜଣେ ମୃତ

**ଚୌଦ୍ୱାର,୧୧।୧(ଡି.ଏନ୍.ଏ.):** ମହାନଦୀରେ ବୁଡ଼ି ଶନିବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚୌଦ୍ୱାର ଟିପିଏମ୍ ଫାଣ୍ଡି ଅଧୀନ କୟଲପଡ଼ା ଗ୍ରାମର ଅକ୍ଷୟ କୁମାର ଭୂୟାଁ(୫୪)। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୮ଟାରେ ଅକ୍ଷୟ ମହାନଦୀକୁ ଜାଲ ନେଇ ମାଛ ଧରିବାକୁ ଯାଇଥିଲେ। ଅସାବଧାନତା ଯୋଗୁ ତାଙ୍କ ଗୋଡ ଖସିଯିବାରୁ ସେ ପାଣିରେ ବୁଡିଯାଇଥିଲେ। ଖବରପାଇ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨/୨୦) ରୁଜୁ ହୋଇଛି।

### ଯୋରରୁ ମଣିଷ କଙ୍କାଳ ଉଦ୍ଧାର

**କଣ୍ଟାପଡ଼ା,୧୧।୧(ଡି.ଏନ୍.ଏ.):** ଫୁଲନଖରା-ନିଆଳି ରାସ୍ତାର ବାଗଲପୁର ନିକଟସ୍ଥ ପାଣିଯୋରରୁ ଶନିବାର ଓଲଟପୁର ପୋଲିସ ଏକ ମଣିଷ କଙ୍କାଳକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୦) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଉକ୍ତ କଙ୍କାଳଟି ଯୋରରେ ଥିବା ଲଟାରେ ଛନ୍ଦି ହୋଇଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ମୃତଦେହରେ ଇଂଲିଶ ଅକ୍ଷରରେ କମ୍ପାସ ଲେଖାଥିବା ଧଳାଗଞ୍ଜି ରହିଥିବା ବେଳେ ଏକ ହାଫ୍ ପ୍ୟାଣ୍ଟ ରହିଛି। ଓଲଟପୁର ଥାନାରେ କୌଣସି ନିଖୋଜ ଅଭିଯୋଗ ହୋଇ ନ ଥିବାରୁ ଏ ସମ୍ପର୍କରେ ଅନ୍ୟ ଥାନାକୁ ଜଣାଯାଇଛି ବୋଲି କଟକସଦର ଉପଖଣ୍ଡ ପୋଲିସ ଅଧିକାରୀ ସୁବାସ ଚନ୍ଦ୍ର ପଣ୍ଡା କହିଛନ୍ତି।

### କାର୍ ଧକ୍କାରେ ଦହିବରା ବିକାଳି ଗୁରୁତର

**କଣ୍ଟାପଡ଼ା,୧୧।୧(ଡି.ଏନ୍.ଏ.):** କଟକ-ଭୁବନେଶ୍ୱର ୧୬ ନଂ. ଜାତୀୟ ରାଜପଥର ବମ୍ଫକୁଦ ନିକଟରେ ଶନିବାର ଏକ କାର ଧକ୍କାରେ ଜଣେ ଦହିବରା ବିକାଳି ଗୁରୁତର ହୋଇଛନ୍ତି। ସେ ହେଲେ ବାରଙ୍ଗ ଥାନା ଆମ୍ବବୋରେଇ ଗ୍ରାମର ଟିମା ବେହେରା। ସ୍ଥାନୀୟ ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଇଥିଲେ। ଶନିବାର ଅପରାହ୍ନ ପ୍ରାୟ ୩ ଟା ରେ ଟିମା ବମ୍ଫକୁଦ ନିକଟ ରାସ୍ତାକଡରେ ଦହିବାର ବିକ୍ରି କରୁଥିଲେ। ଏହି ସମୟରେ ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇବା ପରେ ଚାଳକ ଘଟଣାସ୍ଥଳରେ କାର ଛାଡି ଫେରାର ହୋଇଯାଇଥିଲେ।

### ନେତାଜୀ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

**କଟକ ଅଫିସ, ୧୧।୧:** ଆସନ୍ତା ୨୩ ତାରିଖରେ ରେଭେନ୍‌ଶା କଲିଜିଏଟ୍ ସ୍କୁଲଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୩ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେବ। ଏ ନେଇ ସ୍କୁଲର ପୁରାତନ ଛାତ୍ର ସଂସଦଙ୍କ ପକ୍ଷରୁ ସ୍କୁଲ ପରିସରରେ ଥିବା ବିଜୁ ପଟ୍ଟନାୟକ ହଲଠାରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବହୁ ବ୍ୟକ୍ତିତ୍ୱ ଯୋଗଦେବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଡା. ପ୍ରଦୀପ ରାଓ ବୈଠକରେ ଅଧକ୍ଷତା କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ଡ. ଅନୁସ୍ମିତା ସ୍ୱାଇଁ, ଶିକ୍ଷକ ଜୟନ୍ତ କୁମାର ଦାସ, କାର୍ଯ୍ୟକାରୀ ସଭାପତି ରାମାଶିଷ୍ ହାଜରା, ସାଧାରଣ ସମ୍ପାଦକ ଦେବାଶିଷ ଦାସଙ୍କ ସମେତ କାର୍ଯ୍ୟକାରୀ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର

**କଟକ ଅଫିସ, ୧୧।୧:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଅର୍ଥଶାସ୍ତ୍ର ବିଭାଗ ଓ ଓଡ଼ିଶା ଇକୋନୋମିକ୍ସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଶନିବାର ଏସ୍.ଏନ୍. ସିହ୍ନା ମେମୋରିଆଲ ହଲଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ଅଧ୍ୟକ୍ଷ ଡ. ସତ୍ୟକାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ବକ୍ତା ଭାବେ ଡ. ଅମରେନ୍ଦ୍ର ଦାସ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅନ୍ୟତମ ବକ୍ତା ଭାବେ ଡ. ସରିତ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗର ମୁଖ୍ୟ ଡ. ଧର୍ମପଦ ମହାପାତ୍ର, ଡ. ରବି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କୋଟିଏ ଟଙ୍କାର ଦୁର୍ନୀତିକୁ ନେଇ ତନାଘନା

**କଟକ ଅଫିସ, ୧୧।୧**

**ଆର୍ ଆଣ୍ଡ ବି ଡିଭିଜନ(୧)**
- ୧୦୦୦ ଦସ୍ତଖତ ସମ୍ୱଳିତ ଅଭିଯୋଗପତ୍ର ଦାଖଲ
- ଭିଜିଲାନ୍ସ ଗିରଫଦାରିକୁ ନେଇ ଛନକା

କଟକସ୍ଥିତ ରାସ୍ତା ଓ କୋଠାବାଡି ନିର୍ମାଣ (ଆର୍ ଆଣ୍ଡ ବି) ଡିଭିଜନ(୧)ରେ କୋଟିଏ ଟଙ୍କାର ଦୁର୍ନୀତି ହୋଇଥିବା ଭିଜିଲାନ୍ସ ନିକଟରେ ଆଉ ଏକ ଅଭିଯୋଗ ହୋଇଛି। ଏହାକୁ ନେଇ ତନାଘନା ଆରମ୍ଭ ହୋଇଛି। ଏସ୍‌ସିବି ମେଡିକାଲ ପୁରୁଣା ଆଉଟଡୋର ମରାମତିକୁ ନେଇ ଏହି ଦୁର୍ନୀତି ହୋଇଥିଲା। ଏଥିରେ ଯନ୍ତ୍ରୀ, ଠିକାଦାର ଓ ମେଡିକାଲର ବଡ ପାହ୍ୟାର ଅଧିକାରୀମାନେ ସାମିଲ ଥିବା ନେଇ ଅଭିଯୋଗକାରୀ ତଥା ସାମାଜିକ କର୍ମୀ ଅଚ୍ୟୁତ କୁମାର ସାହୁ ଭିଜିଲାନ୍ସ କଟକ ଡିଭିଜନ ନିକଟରେ ଅଭିଯୋଗ କରିଥିଲେ। ସେ ରୋଗୀ ସମ୍ପର୍କୀୟ, ସାଧାରଣ ଜନତା ଓ ସଚେତନ ବର୍ଗର ଲୋକଙ୍କୁ ମିଶାଇ ମୋଟ୍ ୧ହଜାର ଦସ୍ତଖତ ସମ୍ୱଳିତ ଏକ ଅଭିଯୋଗପତ୍ର ଭିଜିଲାନ୍ସ ନିକଟରେ ଦାଖଲ କରିଥିଲେ। ଉକ୍ତ ଅଭିଯୋଗ ଉପରେ ତଦନ୍ତ କରାଯାଉଛି ବୋଲି ଭିଜିଲାନ୍ସ କଟକ ଡିଭିଜନ ଏସ୍‌ପି ଶଶିଭୂଷଣ ମିଶ୍ର କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବ୍ରିଟିଶ ଅମଳର ଏସ୍‌ସିବି ପୁରୁଣା ଆଉଟଡୋର ଏହି କୋଠା ମରାମତି ଆବଶ୍ୟକ କରୁଥିବା ଦର୍ଶାଯାଇ ଆର୍ ଆଣ୍ଡ ବି ଡିଭିଜନ, ଜିଇଡି ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଖାପାଖି ୧କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। କୋଠା ମରାମତି ନିମନ୍ତେ ଆଉଟଡୋରକୁ ସାମୟିକଭାବେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ପରେ ମରାମତି ଶେଷ ହେବା ସହ ରଙ୍ଗ ଦିଆଯାଇ ପୁରୁଣା ଆଉଟଡୋର କୋଠାକୁ ନୂଆ ରୂପ ଦିଆଯାଇଥିଲା। ଏହାପରେ ଆଉଟଡୋରକୁ ପୁନର୍ବାର ପୁରୁଣା କୋଠାକୁ ଫେରାଇ ଅଣାଯାଇଥିଲା। ସବୁ ଠିକ୍ ଥିବାବେଳେ ହଠାତ୍ ୨୦୧୬ ନଭେମ୍ବର ୧୧ ତାରିଖରେ ଉକ୍ତ କୋଠା ବିପଦସଙ୍କୁଳ ବୋଲି ଆର୍ ଆଣ୍ଡ ବି ଡିଭିଜନ ପକ୍ଷରୁ ମେଡିକାଲ ଅଧୀକ୍ଷକଙ୍କ ଚାମ୍ବରରେ ଆୟୋଜିତ ଏକ ବୈଠକରେ ଘୋଷଣା କରାଯାଇଥିଲା। ଏତେ ଟଙ୍କା ଖର୍ଚ୍ଚ କରି ମରାମତି କରାଯାଇଥିବା କୋଠା ଗୋଟିଏ ବର୍ଷ ପରେ ବିପଦସଙ୍କୁଳ ଘୋଷିତ ହେବାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ହେଲେ ସେ ସମୟରେ ମେଡିକାଲ କର୍ତ୍ତୃପକ୍ଷ ଓ ଆର ଆଣ୍ଡ ବି ଡିଭିଜନ ଅଧିକାରୀ ପରସ୍ପର ଉପରେ ଦୋଷ ଲଦାଲଦି ହୋଇଥିଲେ। ମେଡିକାଲ କର୍ତ୍ତୃପକ୍ଷ କହିଥିଲେ ନିର୍ମାଣ କାର୍ଯ୍ୟର ସ୍ଥାୟିତ୍ୱ ଆକଳନ କରିବା ଆର ଆଣ୍ଡ ବି ଡିଭିଜନର କାମ। ତେଣୁ ସେମାନେ ମରାମତି କରିବା ପରେ ଆମେ ଉକ୍ତ କୋଠାରେ ରୋଗୀସେବା ଆରମ୍ଭ କରିଥିଲୁ। ପୁଣି ଯେତେବେଳେ ସେମାନେ ମନା କଲେ ଆମେ ଘର ଛାଡିବାକୁ ବାଧ୍ୟ ହେଲୁ। ଅନ୍ୟପକ୍ଷରେ ଆର ଆଣ୍ଡ ବି ଡିଭିଜନ ପକ୍ଷରୁ କୁହାଯାଇଥିଲା, ଉକ୍ତ କୋଠା ବହୁ ପୁରୁଣା ଥିବାରୁ ଏହା ଉପରେ କୌଣସି ଭରସା ନ ଥିବା ଆମେ ଆରମ୍ଭରୁ କହିଥିଲୁ। ମାତ୍ର ଆମକୁ ବାଧ୍ୟ କରାଯିବାରୁ ଆମେ ମରାମତି କରିଥିଲୁ। ଆର ଆଣ୍ଡ ବି ଡିଭିଜନ ଓ ମେଡିକାଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏଭଳି ଟଣାଓଟରା ଲାଗି ରହିବାରୁ ସାମାଜିକ କର୍ମୀ ସାହୁ ଘଟଣା ସମ୍ପର୍କରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। କୋଠା ମରାମତି ବାବଦରେ ଖର୍ଚ୍ଚ କରାଯାଇଥିବା ଟଙ୍କାକୁ ଯନ୍ତ୍ରୀ, ଠିକାଦାର ଓ ଦାୟୀ ଅଧିକାରୀଙ୍କ ଠାରୁ ଭରଣା କରିବାକୁ ସେ ଅଭିଯୋଗରେ ଦାବି କରିଥିଲେ। ଇତିମଧ୍ୟରେ ୩ବର୍ଷ ବିତିଛି। ଉକ୍ତ କୋଟିଏ ଟଙ୍କାର ଦୁର୍ନୀତିରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା କେବଳ ଭିଜିଲାନ୍ସ ତଦନ୍ତରୁ ଜଣାପଡିବ ବୋଲି ଅଭିଯୋଗକାରୀ ସାହୁ କହିଛନ୍ତି। ଏ ସମ୍ପର୍କରେ ମେଡିକାଲ୍‌ର ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରାଙ୍କୁ ପଚାରିବାରୁ ଏହା ମୋ ଅମଳର ଘଟଣା ନୁହେଁ, ତେଣୁ ମୋ ପକ୍ଷରେ କହିବା ମୁସ୍କିଲ ବୋଲି କହିଥିବାବେଳେ ଆର୍ ଆଣ୍ଡ ବି ଡିଭିଜନ(୧)ର ନିର୍ବାହୀଯନ୍ତ୍ରୀ ଏମ୍.ଆର୍. ଖାନ୍ ମଧ୍ୟ ସମାନ ଉତ୍ତର ଦେଇଥିଲେ।

ସୂଚନାଯୋଗ୍ୟ, କଟକସ୍ଥିତ(ଆର୍ ଆଣ୍ଡ ବି) ଡିଭିଜନ(୨)ରେ ୪୩ଲକ୍ଷ ୧୬ହଜାର ୪୪ଟଙ୍କାର ଦୁର୍ନୀତିକୁ ନେଇ ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ବିମଳ ଚନ୍ଦ୍ର ଦାସଙ୍କ ସମେତ ୭ଜଣଙ୍କୁ ଭିଜିଲାନ୍ସ ଗିରଫ କରି ଜେଲ୍‌ପଠାଇଛି। ତାଳଦଣ୍ଡା କେନାଲ ଉପରେ ଏକ ସେତୁ ନିର୍ମାଣକୁ ନେଇ ଏହି ଦୁର୍ନୀତି ହୋଇଥିଲା। ଉକ୍ତ ଦୁର୍ନୀତି ଓ ଭିଜିଲାନ୍ସର ଗିରଫଦାରିକୁ ନେଇ ଆର୍ ଆଣ୍ଡ ବି ଡିଭିଜନ ଅଧିକାରୀଙ୍କ ମନରେ ଛନକା ପଶିଛି।




ଗଡିରାଉତପାଟଣାସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର କେଶବଧାମରେ ଅନୁଷ୍ଠିତ ପ୍ରାଦେଶିକ ପ୍ରଧାନ ଆଚାର୍ଯ୍ୟ ସମ୍ମିଳନୀରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।

## ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ ଉଦ୍‌ଘାଟିତ

**କଟକ ଅଫିସ, ୧୧।୧**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ୩୨ତମ ସାମ୍ବିଧାନିକ ସମ୍ମିଳନୀ ବାରବାଟୀ ଷ୍ଟାଡିୟମସ୍ଥିତ ସଚିନ୍ ତେନ୍ଦୁଲକର ଇନ୍‌ଡ଼ୋର ହଲ୍‌ଠାରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ ବିଦ୍ୟାଳୟ ଶିକ୍ଷକ ମହାସଂଘ ସଭାପତି ଅଭିଜିତ୍ ମୁଖାର୍ଜୀ ଏହାକୁ ଉଦ୍‌ଘାଟନ କରିଥିଲେ। ସଙ୍ଗଠନ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। 'ଗୁଣାତ୍ମକ ଶିକ୍ଷା ଓ ଆମ ବିଦ୍ୟାଳୟ' ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚକ ଭାବେ ପ୍ରାଧ୍ୟାପକ ସୁରେନ୍ଦ୍ର ଜେନା, ପ୍ରକାଶ ଚନ୍ଦ୍ର ଜେନା, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେଶନ୍‌ର ସଭାପତି ହୃଦାନନ୍ଦ ଦ୍ୱିବେଦୀ ଯୋଗଦେଇଥିଲେ। ଏଥିରେ ରାଜ୍ୟରୁ ୨ହଜାରରୁ ଊର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ରାଜ୍ୟ ସମ୍ପାଦକ ରଞ୍ଜନ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

## କୟଳପଡ଼ାରେ ହାତୀ, ଲୋକେ ଭୟଭୀତ

**ଚୌଦ୍ୱାର,୧୧।୧(ଡି.ଏନ୍.ଏ.)**

ଦୀର୍ଘଦିନ ଧରି ଚୌଦ୍ୱାର ଓ ଏହାର ଆଖପାଖ ଅଞ୍ଚଳରେ ୨୨ଟି ହାତୀ ଉପଦ୍ରବ ଚଳାଇଥିଲେ। କିଛିଦିନ ପରେ ପୁଣି ଶୁକ୍ରବାର ରାତିରେ ଏକ ଦନ୍ତାହାତୀ ଦେଖି ଲୋକେ ଭୟଭୀତ ହୋଇପଡିଛନ୍ତି। ଚଷାପଡା ଗ୍ରାମର ସୁବ୍ରତ ରାଉତ ଦୋକାନ ବନ୍ଦକରି ଘରକୁ ଫେରୁଥିବାବେଳେ ଉକ୍ତ ହାତୀ ଚଷାପଡା ଘାଟ ରାସ୍ତାରେ ତାଙ୍କୁ ଗୋଡାଇଥିଲା। ସେ ଜୀବନ ବଞ୍ଚାଇ ଘରକୁ ଆସିଥିଲେ। ଶନିବାର ସକାଳେ କୟଳପଡା ଗ୍ରାମ ନିକଟ ଶନି ମନ୍ଦିର ପାଖରେ ଥିବା ଜଙ୍ଗଲରେ ହାତୀ ଥିବା ସ୍ଥାନୀୟ ଲୋକେ ଦେଖି ଚୌଦ୍ୱାର ବନବିଭାଗକୁ ଜଣାଇଥିଲେ। ବନବିଭାଗ କର୍ମଚାରୀ ପହଞ୍ଚିଲେ ମଧ୍ୟ ହାତୀକୁ ପାଇ ନ ଥିଲେ। ବନବିଭାଗ କର୍ମଚାରୀ ହାତୀକୁ ଘଉଡାଇବା ପାଇଁ ଉଦ୍ୟମ ଜାରି ରଖିଥିବା ବନପାଳ ଜ୍ୟୋତିରଞ୍ଜନ ମହାପାତ୍ର କହିଛନ୍ତି।



କଟକ ସାରଳା ଭବନଠାରେ ଅତିଥିମାନେ ତ୍ରିଲୋଚନ କାନୁନଗୋଙ୍କୁ ରାଜକିଶୋର ରାୟ ସ୍ମୃତି ସମ୍ମାନରେ ସମ୍ମାନିତ କରୁଛନ୍ତି।

## ତ୍ରିଲୋଚନ କାନୁନ୍‌ଗୋ ପାଇଲେ ରାଜକିଶୋର ରାୟ ସ୍ମୃତି ସମ୍ମାନ

**କଟକ ଅଫିସ,୧୧।୧**

କଟକ ସାରଳା ଭବନଠାରେ ଗାନ୍ଧୀବାଦୀ ନେତା ତଥା ପୂର୍ବତନ ବିଧାୟକ ରାଜକିଶୋର ନାୟକଙ୍କର ସ୍ମୃତିସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜକିଶୋର ନାୟକ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ସଭାକୁ ଜଷ୍ଟିସ ଦୁର୍ଗା ପ୍ରସନ୍ନ ଚୌଧୁରୀ ଉଦ୍‌ଘାଟନ କରିଥିଲେ। ସଂସଦର ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥ ଯୋଗଦେଇ କହିଥିଲେ, ରାଜକିଶୋର ନାୟକ ଜଣେ ତ୍ୟାଗୀ ମଣିଷ ଥିଲେ। ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନ ଲୋକଙ୍କ ହିତ ପାଇଁ ଉତ୍ସର୍ଗ କରିଥିଲେ ବୋଲି ସେ କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଡ. ପାବକ କାନୁନ୍‌ଗୋ ଓ ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ସାମାଜିକ କର୍ମୀ ତଥା ପୂର୍ବତନ ଏମ୍‌ପି ତ୍ରିଲୋଚନ କାନୁନ୍‌ଗୋଙ୍କୁ ରାଜକିଶୋର ନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସଞ୍ଜିତ ପଟ୍ଟନାୟକ, କ୍ଷୀରାବ୍ଧି ତନୟା ମହାନ୍ତି, ଡ. ସତ୍ୟ ରାୟ, ବିଧାୟକ ଅତନୁ ସବ୍ୟସାଚୀ ନାୟକ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ, ଦେବୀରଞ୍ଜନ ତ୍ରିପାଠୀଙ୍କ ସମେତ ବହୁ ବ୍ୟକ୍ତିତ୍ୱ ଉପସ୍ଥିତ ଥିଲେ।

## ପରମହଂସ ସେତୁରେ ଲୁଟେରାଙ୍କ ଦୌରାତ୍ମ୍ୟ

**କଟକସଦର,୧୧।୧(ଡି.ଏନ୍.ଏ.)**

କାଠଯୋଡ଼ି ନଦୀର ପରମହଂସ ସେତୁରେ ରାତିରେ ଲୁଟେରାଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ସନ୍ଧ୍ୟା ହେଲେ କେତେଜଣ ଯୁବକ ସେତୁ ଉପରେ ଆଡ୍ଡା ଜମାଉଛନ୍ତି। ଫଳରେ ପରମହଂସ, ଗୋବିନ୍ଦପୁର, ରାଉତ୍ରାପୁର, କଳପଡ଼ା ଅଞ୍ଚଳର ଲୋକମାନେ ଯିବା ଆସିବାରେ ନିରାପଦ ମଣୁନାହାନ୍ତି। ଗୁରୁବାର ରାତିରେ ୪୨ମୌଜା ଫାଣ୍ଡି ଅନ୍ତର୍ଗତ କୂଳ କଳପଡ଼ାଗ୍ରାମର ରଣଜିତ ବିଶ୍ୱାଳଙ୍କୁ କେତେଜଣ ନିଶାସକ୍ତ ଯୁବକ ମରଣାନ୍ତକ ଆକ୍ରମଣ କରି ତାଙ୍କ ବାଇକ୍ ଭାଙ୍ଗିବା ସହ ଟଙ୍କା ଛଡ଼ାଇ ନେଇଥିଲେ। ଏ ନେଇ ୪୨ମୌଜା ଫାଣ୍ଡିରେ ଅଭିଯୋଗ ହୋଇଛି। ଏହି ସେତୁରେ ଲାଇଟ୍ ଲାଗିଥିଲେ ମଧ୍ୟ ଲୁଟେରାମାନେ ଅପରାଧ ଘଟାଇବାକୁ ଭୟ କରୁନାହାନ୍ତି। ମଦ ପିଇବା ସହ ସେତୁ ଦେଇ ଯାଉଥିବା ଲୋକମାନଙ୍କୁ ଗାଳିଗୁଲଜ କରୁଛନ୍ତି। ଏହି ସେତୁ କନ୍ଦରପୁର ଥାନା ଓ କଟକ ସଦର ଥାନାର ମିଳିତ ଅଞ୍ଚଳ ହୋଇଥିବାରୁ ପୋଲିସ ତୁରନ୍ତ ସେମାନଙ୍କୁ ଧରିବାକୁ ଦାବି ହୋଇଛି ।

**ବାରବାଟୀ ନୃତ୍ୟୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

## ମୁଗ୍ଧ କଲା ଭାରତନାଟ୍ୟମ

**କଟକ ଅଫିସ, ୧୧।୧**



କଟକ ବାଲିଯାତ୍ରା ଉପରପଡ଼ିଆଠାରେ ଓଡ଼ିଶୀ ନୃତ୍ୟ ମଣ୍ଡଳ ପକ୍ଷରୁ ଚାଲିଥିବା ୧୯ତମ ବାରବାଟୀ ନୃତ୍ୟୋତ୍ସବର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଗଣେଶ ବନ୍ଦନାରୁ ଆରମ୍ଭ ହୋଇଥିଲା ସନ୍ଧ୍ୟାର କାର୍ଯ୍ୟକ୍ରମ। ଗୁଜରାଟ ବରୋଦରାର ଗୁରୁ ବିନୋଦ ବୈଦ୍ୟ ଓ ସାଥୀ କଳାକାରମାନେ ଭାରତନାଟ୍ୟମ ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଏହାପରେ ନୃତ୍ୟାଞ୍ଜଳୀ ଅନୁଷ୍ଠାନର ଗୁରୁ ପୁଷ୍ପରଞ୍ଜନ ମଙ୍ଗରାଜଙ୍କ ନିର୍ଦ୍ଦେଶନାରେ ଶିବସ୍ତୁତି ପରିବେଷିତ ହୋଇଥିଲା। ପୁଣେରୁ ଆସିଥିବା କଳାକାରଙ୍କ ଅର୍ଦ୍ଧନାରୀଶ୍ୱର ଓ ଜଟେଶ୍ୱର ଲୋକନୃତ୍ୟ ଲୋକାଦୃତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହରପ୍ରିୟା ଦାସ, ସମ୍ମାନିତ ଅତିଥି ଭାବେ ସନାତନ ନାୟକ, ପ୍ରସନ୍ନ ବିଶୋଇ ପ୍ରମୁଖ ଯୋଗଦେଇଥିଲେ। ନୃତ୍ୟୋତ୍ସବର ସଭାପତି ବ୍ରଜକିଶୋର ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରଫେସର ସେକ୍ କଲିମୁଲ୍ଲା ଧନ୍ୟବାଦ ଦେଇଥିଲେ। ଗୁରୁ ସସ୍ମିତା ପଣ୍ଡା, ଆଶିଷ ଦାସ, ଅମିୟାଂଶୁ ଦାସ, କାଜଲ ରାଓ ଓ ଅଶୋକ ବାରିକ ଉତ୍ସବର ପରିଚାଳନାରେ ସହଯୋଗ କରିଥିଲେ।

**ଅର୍ଥାଭାବରୁ ନାମଲେଖାଇବାରୁ ବଞ୍ଚିତ**

## ଚିନ୍ମୟୀଙ୍କୁ ସହାୟତା ପ୍ରତିଶ୍ରୁତି ଦେଲେ ବିଧାୟକ

**କଟକସଦର,୧୧।୧(ଡି.ଏନ୍.ଏ.)**

କଟକସଦର ବ୍ଲକ ଅନ୍ତର୍ଗତ କିଶୋରନଗର ମହାବିଦ୍ୟାଳୟର ୪୦ତମ ପ୍ରତିଷ୍ଠା ଦିବସରେ ଶୁକ୍ରବାର ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗଦେଇଥିଲେ। ୨୦୧୯ ମସିହାର ଶ୍ରେଷ୍ଠ ସ୍ନାତକ ଭାବେ ଛାତ୍ରୀ ଚିନ୍ମୟୀ ସାହୁଙ୍କୁ ପୁରସ୍କୃତ କରିଥିଲେ। ମାହାଙ୍ଗା ବ୍ଲକ ତ୍ରିବେଣୀଶ୍ୱରର ଚିନ୍ମୟୀ ପ୍ରାଣୀ ବିଜ୍ଞାନ ବିଭାଗରେ ସଫଳତା ହାସଲ କରିଥିଲେ। କିନ୍ତୁ ଅର୍ଥାଭାବ ଯୋଗୁ ସ୍ନାତକୋତ୍ତରରେ ନାମ ଲେଖାଇ ପାରି ନ ଥିଲେ। ଏ ସମ୍ପର୍କରେ ବିଧାୟକ ବେହେରା ଜାଣିବା ପରେ ତାଙ୍କୁ ସହାୟତା କରିବାକୁ ପ୍ରତିଶ୍ରୁତି ଦେବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ଅଧ୍ୟକ୍ଷ ଅଜିତ୍ ମୁଖାର୍ଜୀଙ୍କୁ କହିଥିଲେ। ଏହି ଉତ୍ସବରେ ଉଚ୍ଚ ଶିକ୍ଷା ବିଭାଗର କଟକ ଜିଲା ନୋଡାଲ୍ ଅଫିସର ଡ. ସୁରେଖା ସୁନ୍ଦରୀ ସ୍ୱାଇଁ, ସମିତି ସଭ୍ୟା ଇଲାବତୀ ବିଶୋୟୀ, ପ୍ରାଧ୍ୟାପକ ଅଭୟ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କୃଷ୍ଣଚନ୍ଦ୍ର ମହାନ୍ତି ବିବରଣୀ ପାଠ, ଡ. ଅନାଦି ବରାଳ ସ୍ୱାଗତ ଭାଷଣ ଏବଂ ଡ. ନନ୍ଦିତା ଶୁକ୍ଳା ଧନ୍ୟବାଦ ଦେଇଥିଲେ।

## ୨୨୭ ହିତାଧିକାରୀ ଫେରାଇଲେ ୩୩ ଲକ୍ଷ

**କଟକସଦର,୧୧।୧(ଡି.ଏନ୍.ଏ.)**

**ଟଙ୍କା ନେଇ ନିର୍ମାଣ କଲେନି ଗୃହ**

ଇନ୍ଦିରା ଆବାସ ନିର୍ମାଣ ପାଇଁ ୨୦୦୦ରୁ ୨୦୧୪ ମସିହା ମଧ୍ୟରେ କାର୍ଯ୍ୟାଦେଶ ଏବଂ ଅନୁଦାନ ପାଇବା ସତ୍ତ୍ୱେ ଯେଉଁମାନେ ଗୃହ ନିର୍ମାଣ କରିନାହାନ୍ତି, ସେମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ସୁବିଧା ଘୋଷଣା କରାଯାଇଥିଲା। ନେଇଥିବା ଟଙ୍କା କିସ୍ତିରେ ଫେରାଇଲେ ପରବର୍ତ୍ତୀ ସମୟରେ ଉକ୍ତ ହିତାଧିକାରୀଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କିଆ ଘର ମିଳିବ। ଏହି ସୁବିଧାର ସୁଫଳ ୨୩ଟି ପଞ୍ଚାୟତର ୨୨୭ ଜଣ ହିତାଧିକାରୀ ଉପକୃତ ହେବେ। ଶୁକ୍ରବାର ଟଙ୍କା ଫେରସ୍ତର ଶେଷ ଦିନ ରହିଥିଲା। ବ୍ଲକ କର୍ତ୍ତୃପକ୍ଷ ୩୩ ଲକ୍ଷ ଟଙ୍କା ସଂଗ୍ରହ କରିଛନ୍ତି। ଏମାନଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇ ଅଗ୍ରାଧିକାର ଭିତ୍ତିରେ ଘର ଯୋଗାଇ ଦିଆଯିବ ବୋଲି ରାଜ୍ୟ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ପକ୍ଷରୁ ନଭେମ୍ବରରେ ଘୋଷଣା କରାଯାଇଥିଲା। ଉକ୍ତ ବ୍ଲକର ୭୫ ହିତାଧିକାରୀ ଟଙ୍କା ଫେରସ୍ତ ପାଇଁ ଆବେଦନ କରିଥିଲେ। ଚଳିତ ମାସ ଶେଷ ପର୍ଯ୍ୟନ୍ତ ଫେରସ୍ତ ଅବଧି ବଢ଼ାଇବାକୁ ଦାବି ହୋଇଛି।

## ମୁସ୍‌ଲିମ୍ ଓ ଦଳିତ ସୁରକ୍ଷା ମଞ୍ଚ ପକ୍ଷରୁ ପଦଯାତ୍ରା

**କଟକ ଅଫିସ, ୧୧।୧**

ଏନ୍‌ଆରସି, ସିଏଏ ଓ ଏନ୍‌ପିଆରକୁ ବିରୋଧ କରି ମୁସ୍‌ଲିମ୍ ଓ ଦଳିତ ସୁରକ୍ଷା ମଞ୍ଚ ପକ୍ଷରୁ ଶନିବାର ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଭାପତି ଶେଖ୍ ମୁନ୍ତାକିମ ବକ୍ସଙ୍କ ନେତୃତ୍ୱରେ ବକ୍ସିବଜାର ପୋଷ୍ଟ ଅଫିସଠାରୁ ଦରଘାବଜାରସ୍ଥିତ ଜେଲ୍ ପଡ଼ିଆ ପର୍ଯ୍ୟନ୍ତ ଏହି ପଦଯାତ୍ରା ହୋଇଥିଲା। ପରେ ସେଠାରେ ଏକ ସାଧାରଣ ସଭାରେ ଆୟୋଜନ କରାଯାଇଥିଲା। ଏଥିରେ ମଞ୍ଚ ସାଧାରଣ ସମ୍ପାଦକ ସୁକାନ୍ତୀ ସେଠୀ, ସରୋଜ କୁମାର ସେଠୀ, କ୍ଷୀରେନ୍ଦ୍ର ବେହେରା, ସନ୍ଦିପ ରଥ, ନିରଞ୍ଜନ ନାୟକ, ପ୍ରଦ୍ୟୁମ୍ନ ଚକ୍ରବର୍ତ୍ତୀ, କୃଷ୍ଣ ନାୟକ, ଅମୀତା ନାୟକ ପ୍ରମୁଖ ଯୋଗଦେଇଥିଲେ।




ବକ୍ସିବଜାର ଛକରୁ ମୁସ୍‌ଲିମ୍ ଓ ଦଳିତ ସୁରକ୍ଷା ମଞ୍ଚ ପକ୍ଷରୁ ବାହାରିଥିବା ପଦଯାତ୍ରା।

## ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ

**କଟକ ଅଫିସ, ୧୧।୧**



ଜାତୀୟ ସଡ଼କ ସୁରକ୍ଷା ସପ୍ତାହରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

କଟକ ମଧୁପାଟଣା ସ୍ଥିତ ଟ୍ରାଫିକ ଥାନା ନିକଟରେ ଶନିବାର ୩୧ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କଟକ ଡିସିପି ଅଖିଳେଶ୍ୱର ସିଂ ଯୋଗଦେଇ କହିଥିଲେ, ଚାଳକ ଯଦି ଟ୍ରାଫିକ ନିୟମ ମାନି ଗାଡି ଚଳାଇବେ ତା'ହେଲେ ଅନେକ ବହୁମୂଲ୍ୟ ଜୀବନ ବଞ୍ଚାଯାଇପାରିବ। ଟ୍ରାଫିକ ଏସିପି ଦେବଜ୍ୟୋତି ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ଅଭିନେତା ମିହିର ଦାସ, କୁନା ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଟ୍ରାଫିକ ନିୟମ ବିଷୟରେ ଲୋକମାନଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ଟ୍ରାଫିକ ପୋଲିସ ପକ୍ଷରୁ ସଡକ ସୁରକ୍ଷା ବାର୍ତ୍ତା ବହନ କରୁଥିବା ବାଇକ ଶୋଭାଯାତ୍ରା ଓ ସଚେତନତା ରଥ ସହର ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ କଟକର ସମସ୍ତ ଥାନା ଅଧିକାରୀ, ଅଭିନେତା ଓ ଟ୍ରାଫିକ କର୍ମଚାରୀମାନେ ଉପସ୍ଥିତ ଥିଲେ।

ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ପ୍ରକାଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଟ୍ରାଫିକ ନିୟମଗୁଡିକୁ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ମୁଖ୍ୟଅତିଥି ଅଧ୍ୟାପକ ଡ. ସନାତନ ବେହେରା କହିଥିଲେ, ଟ୍ରାଫିକ ନିୟମ ମାନିବା ସମସ୍ତ ନାଗରିକଙ୍କ ପାଇଁ ଅପରିହାର୍ଯ୍ୟ। ଡ. ରୀତା ରାୟ ସ୍ୱାଗତ ଭାଷଣ ଓ ଜାତୀୟ ସେବା ଯୋଜନା ଅଧିକାରୀ ରବିନ ସୋରେନ, ପ୍ରଦୀପ୍ତ କୁମାର ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଯୋବ୍ରା ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଡ. ସବିତା ମିଶ୍ର ଧନ୍ୟବାଦ ଦେଇଥିଲେ।



“ ରାମ ନାମ ପାପୀମାନଙ୍କ
ପାଇଁ ପରମ ଔଷଧ।
-ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ



ଜଟଣୀ, ୧୧।୧(ଡି.ଏନ.ଏ.): ଜଟଣୀ ରେଲଙ୍ଗକଲୋନୀସ୍ଥିତ ମାତୃଭବନ ପରିସରରେ ୨ ଦିନିଆ ୫୮ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଶନିବାରଠାରୁ ଆରମ୍ଭ ହୋଇଛି। ସକାଳ ସମୟରେ ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରାଯାଇଥିଲା। ପରେ ଦେହାଂଶ ପୀଠରେ ଧୂପ ଓ ପୁଷ୍ପ ଅର୍ପଣ ସହ ସମବେତ ଧ୍ୟାନ କରାଯାଇଥିଲା। ପୂର୍ଣ୍ଣଯୋଗ କ'ଣ ଓ କାହିଁକି, ଜୀବନ ପରିକ୍ରମା, ମାଆଙ୍କୁ ଭଲପାଅ, ବିଜୟ ସୁନିଶ୍ଚିତ, ଆମ ଜୀବନରେ ମାଆଙ୍କର ଦିବ୍ୟ ଉପସ୍ଥିତିକୁ ଆବାହନ କରିବା କିପରି ଆଦି ବିଷୟବସ୍ତୁ ଉପରେ ବକ୍ତାମାନେ ବିସ୍ତୃତ ଭାବେ କହିଥିଲେ। ଶରତ ଚନ୍ଦ୍ର ରଥ, ଯଦୁନନ୍ଦନ ସାମଲ, ଭାଗୀରଥି ମହାପାତ୍ର ପ୍ରମୁଖ ବକ୍ତା ଭାବେ ଯୋଗଦେଇଥିଲେ। ବ୍ରଜବନ୍ଧୁ ନାୟକ, ବସନ୍ତ ମଞ୍ଜରୀ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ବିଭିନ୍ନ ଅଧିବେଶନ ପରିଚାଳିତ ହୋଇଥିଲା। ମାତୃଭବନର ମାତୃପ୍ରସାଦ ପାଣି, ନନ୍ଦକିଶୋର ସ୍ୱାଇଁ, ଭ୍ରମରବର ମହାପାତ୍ର, ସୁଦର୍ଶନ ମହାପାତ୍ର, ସଞ୍ଜୀବ ପ୍ରଧାନ ଅନ୍ୟ ସଦସ୍ୟାସଦସ୍ୟଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ



ବୋଲଗଡ,୧୧।୧(ଡି.ଏନ.ଏ.)- ବୋଲଗଡ ବ୍ଲକ ଦେଉଳିସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଡ. ତପନ କୁମାର ଜେନା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ସ୍ଥାନୀୟ ପଶ୍ଚିମେଶ୍ୱର ଦେବ ମନ୍ଦିରଠାରୁ କ୍ରୀଡା ମଶାଲ ଶୋଭାଯାତ୍ରା ବାହାରି ବିଦ୍ୟାଳୟର କ୍ରୀଡା ପ୍ରାଙ୍ଗଣରେ ପହଞ୍ଚିଥିଲା । କ୍ରୀଡା ଶିକ୍ଷକ ଶେଖ ଅବଦୁଲ ବରଖ ତୁଲା କ୍ରୀଡା ଉତ୍ସବକୁ ପରିଚାଳନା କରିଥିଲେ। ଏଥିରେ ଛାତ୍ରୀଛାତ୍ରମାନେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ ବର୍ଷ ଛାତ୍ରୀ ସବିତା ମହାରଣା ଏବଂ ୨ୟ ବର୍ଷ କଳାଛାତ୍ର ଗୁରୁଚରଣ ମହାପାତ୍ର ଚାମ୍ପିୟନ ହୋଇଛନ୍ତି। ସେହିପରି ପ୍ରଥମ ବର୍ଷର କଳା ଛାତ୍ରୀ ଭାଗ୍ୟଲକ୍ଷ୍ମୀ ବେହେରା ଏବଂ ୨ୟ ବର୍ଷର ବିଜ୍ଞାନ ଛାତ୍ର ରଜତ କୁମାର ଦାଶ ରନର୍ସ ଅପ୍ ହୋଇଛନ୍ତି। ବିଚାରକଭାବେ ଅନୁଷ୍ଠାନର ଅଧ୍ୟାପକ ଓ ଅଧ୍ୟାପିକାମାନେ ଦାୟିତ୍ୱ ତୁଲାଇଥିଲେ ।

### ରାଜସୁନାଖଳା ବଜାରରେ ରହିଛି ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ



ବୋଲଗଡ,୧୧।୧(ଡି.ଏନ.ଏ.)- ରାଜସୁନାଖଳା ବଜାର ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳ ଭାବେ ପରିଚିତ। ଏହା ସର୍ବଦା ଚଳଚଞ୍ଚଳ ରହିଥାଏ। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ଉଭୟପାର୍ଶ୍ୱରେ ଥିବା ଗଣେଶ ବଜାର ଛକ ଏବଂ ତ୍ରିନାଥ ବଜାରର ୨ଟି ପ୍ରମୁଖ ଛକ ସ୍ଥାନରେ ବିପଦ ସଙ୍କୁଳ ଭାବେ ରହିଛି ୨ଟି ବିଦ୍ୟୁତ୍ ଖୁଣ୍ଟ। ବିଭିନ୍ନ ସମୟରେ ସ୍ଥାନୀୟ ଲୋକେ ଏହି ଖୁଣ୍ଟ ପରିବର୍ତ୍ତନ ପାଇଁ ଦାବି କରୁଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଉଭୟ ୨ଟି ଯାକ ପୁରାତନ ଲୁହାଖୁଣ୍ଟର ତଳ ଅଂଶ କଳଙ୍କି ଲାଗି କଣା ହୋଇ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ୨ଟି ଦୁର୍ବଳ ବିଦ୍ୟୁତ୍ ଖୁଣ୍ଟରେ ୩୩ କେଭି ବିଦ୍ୟୁତ୍ ତାର ସଂଯୋଗ ରହିଛି। ବର୍ଷବର୍ଷ ଧରି ଏଭଳି ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ ରହିଛି। ଫଳରେ ଯେ କୌଣସି ସମୟରେ ବିପଦ ଆଶଙ୍କା ରହିଛି। ଅପରପକ୍ଷେ ବକେୟା ବିଦ୍ୟୁତ୍ ବିଲ ଆଦାୟ ପାଇଁ ବିଭାଗ ପକ୍ଷରୁ ଉପଭୋକ୍ତାଙ୍କ ଉପରେ ବିଦ୍ୟୁତ୍‌କାଟର ଧମକ ଦିଆଯାଉଛି। ମାତ୍ର ଜୀବନ ପ୍ରତି ବିପଦ ଥିବା ଏହି ଖୁଣ୍ଟ ୨ଟିକୁ ପରିବର୍ତ୍ତନ କରା ଯାଉ ନଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ତେଣୁ ଏହି ୨ଟି ସ୍ଥାନରୁ ଦୁର୍ବଳ ବିଦ୍ୟୁତ୍ ଖୁଣ୍ଟ ଅପସାରଣ କରାଯାଇ ନୂତନ ଖୁଣ୍ଟ ସ୍ଥାପନ ପାଇଁ ସାଧାରଣରେ ଦାବି ହେଉଛି।

■ଭକ୍ତିର ସହ ମାନସିକ କଲେ ହୁଏ ପୂରଣ

# ପାଦୁକ ସ୍ନାନକୁ ଗୁଆ ଖୋଜା ନିଆରା

**ପର୍ଯ୍ୟଟନ କ୍ଷେତ୍ର ଅତ୍ରି**

ଖୋର୍ଦ୍ଧା ଅଫିସ,୧୧।୧ :

ଖୋର୍ଦ୍ଧା ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ମଧ୍ୟରେ ଅତ୍ରି ଅନ୍ୟତମ। ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଖୋର୍ଦ୍ଧାଠାରୁ ୧୦ କିମି ଦୂରରେ ବାଘମାରୀ ରହିଛି। ବାଘମାରୀଠାରୁ ୨ କିମି ଦୂରରେ ୧୦ ଏକର ପରିମିତ ସ୍ଥାନରେ ଅତ୍ରି ରହିଛି। ଅତ୍ରିର ମୁଖ୍ୟକୁଣ୍ଡରୁ ଗନ୍ଧକ ଯୁକ୍ତ ପାଣି ବାହାରୁଛି। ସେଠାରୁ ପାର୍ଶ୍ୱରେ ନିର୍ମିତ ୪ କୁଣ୍ଡକୁ ଏହି ଉଷ୍ମ ଜଳ ପ୍ରବାହିତ ହେଉଛି। ଉକ୍ତ ୪ କୁଣ୍ଡରେ ସ୍ନାନ କରିବାର ସୁବିଧା ରହିଛି। ତେବେ ଅତ୍ରିରେ ପାଦୁକ ସ୍ନାନ ସହ ଗୁଆ ଖୋଜା ନିଆରା। ଏହାକୁ ଭକ୍ତିର ସହ କଲେ ମନସ୍କାମନା ପୂରଣ ହୁଏ ବୋଲି ଆବହମାନ କାଳରୁ ବିଶ୍ୱାସ ରହିଛି। ଏହି ଅବସରରେ ଜାନୁୟାରୀର ମାସାନ୍ତ ଓ ମକର ସଂକ୍ରାନ୍ତିରେ ଭିଡ ଜମେ ହଟ୍ଟକେଶ୍ୱର ଓ ଅତ୍ରି ପୀଠରେ। ମାସାନ୍ତର ଅପରାହ୍ନରେ ହଟ୍ଟକେଶ୍ୱର ମନ୍ଦିରରେ ମନୋସ୍କାମନା ପୂରଣ ପାଇଁ ପ୍ରବେଶ କରିବାକୁ ପଡେ। ରାତିରେ ପହଲିବର ପାଦୁକ ବାହାରିଲେ ଏହି ପାଣିରେ ସ୍ନାନ କରି ଉଷ୍ମ ପ୍ରସ୍ରବଣ ଯିବାକୁ ପଡେ। ମକର ସଂକ୍ରାନ୍ତି ଭୋରରୁ ଅତ୍ରି ଉଷ୍ମ ପ୍ରସବଣ ଦହଲ(ମାନସିକ କୁଣ୍ଡ)ରେ ଅପୁତ୍ରକ ମହିଳାମାନେ ଗୁଆ ଖୋଜିଥାନ୍ତି। ଗୁଆ ପାଇବା ପରେ ଉଷ୍ମ ପ୍ରସ୍ରବଣରେ ସ୍ନାନ କରି ପୁନର୍ବାର ଫେରି ହଟ୍ଟକେଶ୍ୱରଙ୍କ ଦର୍ଶନ କରି ମନୋସ୍କାମନା ପୂର୍ଣ୍ଣ କରିବାକୁ ପ୍ରାର୍ଥନା କରନ୍ତି। ଅନ୍ୟପକ୍ଷେ ମକର ସଂକ୍ରାନ୍ତିରେ ଶୋଭାଯାତ୍ରାରେ ହଟ୍ଟକେଶ୍ୱର ଉଷ୍ମ ପ୍ରସ୍ରବଣକୁ ଆସି ଆବାଳ ବୃଦ୍ଧବନିତାକୁ ଦର୍ଶନ ଦିଅନ୍ତି। ଏ ଅବସରରେ ମାନସିକ କୁଣ୍ଡକୁ ସ୍ୱତନ୍ତ୍ର ଭାବେ ବାରିକେଟ କରାଯାଇଛି।




ହଟକେଶ୍ୱର ମନ୍ଦିର ।



ଉଷ୍ମ ପ୍ରସ୍ରବଣ କୁଣ୍ଡରେ ଗାଧୋଇବା ପାଇଁ ବ୍ୟାରିକେଡ୍ ।

### ବିଶେଷ ଆକର୍ଷଣ କୋଣାର୍କ ମନ୍ଦିର ଓ ଚାର୍ଲି ଚାପଲିନ

ପୂର୍ବରୁ ଅତ୍ରିରେ ଏଠାରେ ମକର ମେଳା ହେଉଥିଲା। କିଛିବର୍ଷ ହେଲା ମେଳା ସହ ମହୋତ୍ସବ ଯୋଡି ହୋଇଛି। ଚଳିତବର୍ଷର ମକର ମେଳା ଓ ମହୋତ୍ସବ ନିଆରା। ଚଳିତବର୍ଷ ମହୋତ୍ସବର ନାମ ହଟ୍ଟକେଶ୍ୱର ମକର ମହୋତ୍ସବ ଅତ୍ରି ରଖାଯାଇଛି। ମହୋତ୍ସବକୁ ନିଆରା ଢଙ୍ଗର ପାଳନ ପାଇଁ ନୂଆ ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ କୋଣାର୍କ ମନ୍ଦିର ତିଆରି ହେବ। ଜଗନ୍ନାଥ ଓ ବୁଦ୍ଧଦେବଙ୍କ ମୂର୍ତ୍ତି ଶୋଭା ପାଇବେ। ବାଘ ଭାଲୁଠାରୁ ଆରମ୍ଭ କରି ଦେବଦେବୀଙ୍କ ମୂର୍ତ୍ତି ଅବସ୍ଥାପିତ ହେବେ। ବରପାଲିର ଏକ ଟିମ୍ ଆସୁଛି। ଯେଉଁମାନେ କି ଚାର୍ଲି ଚାପଲିନ।

### ମକରମେଳା, ମହୋତ୍ସବ ପାଇଁ ଚାଲିଛି ପ୍ରସ୍ତୁତି

ଶୀତୁଆ ସକାଳ ପର୍ଯ୍ୟଟକଙ୍କ ପାଇଁ ଆଣି ଦେଇଛି ଅପୂର୍ବ ସୁଯୋଗ। ପର୍ଯ୍ୟଟକ ଉଷ୍ମ ପ୍ରସ୍ରଣରେ ସ୍ନାନ କରି ଶୀତୁଆ ସକାଳର ମଜା ଉଠାଉଛନ୍ତି। ଅତ୍ରିରେ ସ୍ନାନ ପରେ ପର୍ଯ୍ୟଟକମାନେ ନିକଟରେ ଥିବା ପ୍ରସିଦ୍ଧ ଏକାଦଶ ରୁଦ୍ର ହଟ୍ଟକେଶ୍ୱରଙ୍କ ଦର୍ଶନ କରି ପୁଣ୍ୟ ଅର୍ଜନ କରୁଛନ୍ତି। ଏଭଳିସ୍ଥଳେ ଜାନୁୟାରୀ ୧୫ରେ ମକର ମେଳା ଓ ମକର ମହୋତ୍ସବ। ଏଥିପାଇଁ ଅତ୍ରି ଉଷ୍ମ ପ୍ରସ୍ରବଣ ସଜେଇ ହେଉଛି। ଏହା ପରିସରରେ ମୋରମ ପଡୁଛି। ପରିତ୍ୟକ୍ତ ହୋଇ ରହିଥିବା ପାନ୍ଥଶାଳା ଓ ଶୌଚାଳୟର ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଚାଲିଛି। ମହୋତ୍ସବ ଓ ମେଳା ଉଦ୍ଦେଶ୍ୟରେ ଟେଣ୍ଡର କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହେଉଛି। ଦୋକାନ ବଜାର ପଡିବା ଆରମ୍ଭ ହେଲାଣି।

### ପୁରୀ ଗଜପତିଙ୍କ ଖଞ୍ଜା ମକର ଚାଉଳ

ମକର ଚାଉଳ ପୁରୀ ଗଜପତିଙ୍କ ଖଞ୍ଜା। ଏହି ଜମି ଖାଉଥିବା ହଳଦୀପଦାର ଭକ୍ତ ମକର ସଂକ୍ରାନ୍ତିରେ ଅପରାହ୍ନ ୩ ଟାରେ ମକର ଚାଉଳ ଭୋଗ କରିବାକୁ ଦେଇଥାନ୍ତି। ମକର ପ୍ରସ୍ତୁତି ପରେ ଠାକୁରଙ୍କ ପାଖରେ ଲାଗି ହୁଏ। ପରେ ୨୫ ପ୍ରତିଶତ ଭୋଗ ମନ୍ଦିରରେ ରୁହେ। ଯାହାକି ଭକ୍ତମାନେ ସେବନ କରନ୍ତି। ଅବଶିଷ୍ଟ ୭୫ ପ୍ରତିଶତ ମକର ଚାଉଳକୁ ହଳଦୀପଦା ଭକ୍ତ ସେବନ କରିବା ସହ ଘରକୁ ନେଇଥାନ୍ତି ବୋଲି କୁହନ୍ତି ଠାକୁରଙ୍କ ସେବାସୀ ବ୍ରହ୍ମଚାରୀ ମହାପାତ୍ର।

## ପରମେଶ୍ୱର ମେମୋରିଆଲ କ୍ରିକେଟ: ସେମିରେ ସିକୋ

ନିରାକାରପୁର,୧୧।୧(ଡି.ଏନ୍.ଏ.):

ଖୋର୍ଦ୍ଧା ଜିଲା ଛଣଗିରୀ ପଞ୍ଚାୟତ ରମାବିଲସ୍ଥିତ ବାବା ନୀଳକଣ୍ଠେଶ୍ୱର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ଧୂବଚରଣ ପଡିଆରେ ସପ୍ତମ ପରମେଶ୍ୱର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଚାଲୁରହିଛି। ଶନିବାର ୩ୟ ଲିଗ୍ ମ୍ୟାଚ୍‌ରେ ଏମ୍‌ଏସ୍‌ସିସି ଓଲସିଂହକୁ ୭ ଉଇକେଟରେ ହରାଇ ହଣ୍ଟର ଏକ୍ସଆଇ କ୍ରିକେଟ କ୍ଲବ୍ ସିକୋ ସେମିଫାଇନାଲରେ ପ୍ରବେଶ କରିଛି। ଓଲସିଂହ କ୍ରିକେଟ କ୍ଲବ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୧୦ ଉଇକେଟ ବିନିମୟରେ ୮୫ ରନ୍ ସଂଗ୍ରହ କରିଥିଲା। ଜବାବରେ ସିକୋ ଦଳ ୯.୨ ଓଭରରେ ୩ ଉଇକେଟ ହରାଇ ୮୬ ରନ କରି ବିଜୟୀ ହୋଇଛି। ବିଜୟୀ ଦଳର ନିରଞ୍ଜନ କୁମାର ୪ ଉଇକେଟ ନେବା ସହିତ ୩୯ ରନ କରି ନଟ୍‌ଆଉଟ ଥିବାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦିବାକର ମହାପାତ୍ର, ନିରଞ୍ଜନ ସୁନ୍ଦରାୟ, ଦିବ୍ୟଲୋଚନ ହରିଚନ୍ଦନ ଓ ପ୍ରଭାକର ମଙ୍ଗରାଜ ଖେଳ ପରିଚାଳନା କରିଥିଲେ । ରବିବାର ରମାବିଲ କ୍ରିକେଟ କ୍ଲବ ଓ ମୋଟା କ୍ରିକେଟ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

## ବିଲେଇ ଛୁଆ ପ୍ରତି ମାଙ୍କଡ଼ର ଅନାବିଳ ସ୍ନେହ

ଜଟଣୀ,୧୧।୧(ଡି.ଏନ.ଏ.):

ଗୋଟିଏ ମାଈ ମାଙ୍କଡର ବିଲେଇ ଛୁଆ ପ୍ରତି ଅନାବିଳ ପ୍ରେମ ଓ ଶ୍ରଦ୍ଧାର ଦୃଶ୍ୟ କିଛିଦିନ ହେବ ଜଟଣୀର କେତେକ ଅଞ୍ଚଳରେ ଦେଖିବାକୁ ମିଳୁଛି। ବିଶେଷକରି ସ୍ଥାନୀୟ ରାଜାବଜାର, ବାଲିଛକସାହି ଅଞ୍ଚଳରେ ଏହା ଦେଖି ଲୋକେ ଆଶ୍ଚର୍ଯ୍ୟ ହେବା ସହ ଆଲୋଚନାର ବିଷୟ ପାଲଟିଛି। ମାଙ୍କଡଟି ଗୋଟିଏ ମୁହୂର୍ତ୍ତ ମଧ୍ୟ ବିଲେଇ ଛୁଆଟିକୁ ଛାଡ଼ି ଯାଉନାହିଁ। ବିଲେଇଛୁଆଟି ମାଙ୍କଡଠାରୁ ସ୍ତନ୍ୟପାନ କରୁଛି। ବିଲେଇ ଲୋମରେ ଥିବା ପୋକଜୋକକୁ ମାଙ୍କଡଟି ବାଛି ବାହାର କରୁଥିବା ଦେଖିବାକୁ ମିଳୁଛି। ବିଲେଇ ଛୁଆର ବେକକୁ କାମୁଡି ଧରି ଗଛର ଏ ଡାଳରୁ ସେ ଡାଳକୁ ସତର୍କତାର ସହ ଡିଆଁ ମାରୁଛି। କାହା ଘରର ଛାତ ଉପରକୁ ନେଇ ନିଜ ଗୋଡ ପକାଇ ବିଲେଇ ଛୁଆକୁ ଶୁଆଇବାକୁ ଉଦ୍ୟମ କରୁଛି। ଛାତ କଡକୁ ପଳାଇ ଆସିଲେ ତଳେ ପଡିଯିବା ଆଶଙ୍କାରେ ପାଟିରେ ଧରି ଟାଣି ଆଣୁଛି। ହେଲେ ସନ୍ଧ୍ୟାରେ ଉଭୟଙ୍କୁ ଦେଖିବାକୁ ମିଳୁନି। ତେବେ ସକାଳ ହେବା ମାତ୍ରେ ସୂର୍ଯ୍ୟ କିରଣ ପଡୁଥିବା କାହା ଘର ଛାତ ବା ପାଚେରି ଉପରେ ବିଲେଇ ଛୁଆଟିକୁ ଧରି ମାଙ୍କଡ ବସି ରହୁଛି। ଦୂରରୁ କେହି ଖାଦ୍ୟପଦାର୍ଥ ପକାଇଲେ ଏହାକୁ ଧରି ମାଙ୍କଡଟି ପୁଣି ବିଲେଇ ଛୁଆ ପାଖକୁ ଡିଆଁ ମାରି ଚାଲିଯାଉଛି। ୧୫ ଦିନ ହେବ ଉପରୋକ୍ତ ଅଞ୍ଚଳରେ ଏହା ଦେଖିବାକୁ ମିଳୁଛି। ମାଙ୍କଡର ବିଲେଇ ଛୁଆ ପ୍ରତି ଏଭଳି ଅନାବିଳ ସ୍ନେହ ଦେଖି ଲୋକେ ଅଭିଭୂତ ହୋଇଯାଇଛନ୍ତି। ବିଲେଇ ଛୁଆଟିକୁ ମାଙ୍କଡ କେଉଁଠାରୁ କିପରି ଆଣିଲା ତାହା ଜଣାପଡୁନାହିଁ।



ମାଈ ମାଙ୍ଗଡଟି ବିଲେଇ ଛୁଆକୁ ଧରି ରଖିଛି ।

## ଶିଶୁପାଳଗଡ଼ ମହୋତ୍ସବର ପ୍ରାକ୍ ଉତ୍ସବ ଉଦ୍‌ଘାଟିତ

ପୁରୁଣା ଭୁବନେଶ୍ୱର, ୧୧।୧(ଡି.ଏନ.ଏ.):

ଶିଶୁପାଳଗଡ଼ ମହୋତ୍ସବର ଅବ୍ୟବହିତ ପୂର୍ବରୁ ଆୟୋଜକ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ(କାପୋକ) ପ୍ରାକ୍ ଉତ୍ସବ ଶନିବାର ଆରମ୍ଭ କରିଛି। କାପୋକ ପକ୍ଷରୁ ଲୋକକଳାଙ୍କୁ ପୁନର୍ଜୀବିତ ପାଇଁ ସନ୍ଧ୍ୟାରେ ଶିଶୁପାଳଗଡ଼ସ୍ଥ ଦଧିବାମନ ମନ୍ଦିର ପ୍ରାଙ୍ଗଣରେ ପୌରାଣିକ କାର୍ଯ୍ୟକ୍ରମ 'ରାମଲୀଳା' ରୁ ଉତ୍ସବ ଆରମ୍ଭ ହୋଇଛି। ପିପିଲି ଗୁଣ୍ଡୁଳ ଅଞ୍ଚଳର ରାମଲୀଳା ପରିବେଷଣ ସଂସ୍ଥାର ସଭାପତି ମାନସ ପରିଡା, ସମ୍ପାଦକ ଦୁଷ୍ମନ୍ତ ପ୍ରଧାନ, ସଭ୍ୟ ତପନ ପରିଡା, ଉଲ୍ଲାସ ଚନ୍ଦ୍ର ପ୍ରଧାନ ଏବଂ ସାଥୀମାନଙ୍କ ଦ୍ୱାରା କାର୍ଯ୍ୟକ୍ରମକୁ ଲୋକେ ଉପଭୋଗ କରିଥିଲେ। ମଞ୍ଚ ଅଧକ୍ଷ ସଂଗ୍ରାମ କେଶରୀ ପାଇକରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଶିଶୁପାଳଗଡ ଦଧିବାମନ ଟ୍ରଷ୍ଟି ସଦସ୍ୟମାନେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପରେ ରାମଲୀଳା କାର୍ଯ୍ୟକ୍ରମକୁ ଆରମ୍ଭ ହୋଇଥିଲା।

## ଶ୍ରୀଶ୍ୟାମ ବନ୍ଦନା ମହୋତ୍ସବ ଆରମ୍ଭ



ମହିଳାମାନେ ନିଶାନ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି ।

ଜଟଣୀ,୧୧।୧(ଡି.ଏନ.ଏ.):

ଜଟଣୀ ଅଗ୍ରୱାଲା ଧର୍ମଶାଳା ପରିସରରେ ଶନିବାରଠାରୁ ଶ୍ରୀଶ୍ୟାମ ବନ୍ଦନା ମହୋତ୍ସବ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଗୋପୀନାଥ ମନ୍ଦିରରୁ ଧର୍ମଶାଳା ପର୍ଯ୍ୟନ୍ତ ଶ୍ରୀଶ୍ୟାମ ନିଶାନ ଶୋଭାଯାତ୍ରା ବାହାରିଥିଲା। ସ୍ଥାନୀୟ ଶ୍ୟାମ ପରିବାର ପକ୍ଷରୁ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ଶ୍ୟାମ ଭଜନ, ଅଖଣ୍ଡଜ୍ୟୋତି ପାଠ, ମଙ୍ଗଳପାଠ, ନୃତ୍ୟନାଟିକା ଆଦି ପରିବେଷଣ ହେବ। ଏଥିପାଇଁ ଜୟପୁରର ପ୍ରସିଦ୍ଧ ଭଜନ ଗାୟିକା ରଜନୀ ରାଜସ୍ଥାନୀ, ମନୀଷ ଶର୍ମା, ପ୍ରୀତି ଶର୍ମାଙ୍କ ଦ୍ୱାରା ଏହା ପରିବେଷଣ କରାଯିବ।

■ଭଞ୍ଜନଗରରୁ ଲକ୍ଷାଧିକ ଟଙ୍କାର ଛେଳିମେଣ୍ଢା ଚୋରି

## ଜଟଣୀରୁ ଧରାପଡ଼ିଲେ ଗ୍ୟାଙ୍ଗ୍‌ର ସଦସ୍ୟ

ଜଟଣୀ,୧୧।୧(ଡି.ଏନ.ଏ.):

ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳରୁ ଲକ୍ଷାଧିକ ଟଙ୍କାର ଛେଳିମେଣ୍ଢା ଚୋରି ଘଟଣାରେ ସମ୍ପୃକ୍ତ ଗ୍ୟାଙ୍ଗର କେତେଜଣ ସଦସ୍ୟଙ୍କୁ ଜଟଣୀ ଥାନା ବେଣାପଞ୍ଜରୀ ଓ ଅନ୍ୟ କେତେକ ସ୍ଥାନରୁ ୪ଜଣଙ୍କୁ ପୋଲିସ ଧରିଛି। ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନେ ଧରାପଡି ନ ଥିବାରୁ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ପୋଲିସ ବିଶେଷ ସୂଚନା ଦେଇନାହିଁ। ତେବେ ଭଞ୍ଜନଗର ଥାନା ଅଞ୍ଚଳରୁ କିଛିଦିନ ପୂର୍ବେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଶହେରୁ ଅଧିକ ଛେଳିମେଣ୍ଢା ଚୋରି ହୋଇଥିଲା।

ଚୋରିରେ ସମ୍ପୃକ୍ତ ଗ୍ୟାଙ୍ଗର ସଦସ୍ୟମାନେ ଜଟଣୀ ଥାନା ଅଞ୍ଚଳର ସୂଚନା ଯାଇ ଜଟଣୀ ଓ ଭଞ୍ଜନଗର ପୋଲିସ ବେଣାପଞ୍ଜରୀ ଓ ଅନ୍ୟ କେତେକ ସ୍ଥାନରେ ଶୁକ୍ରବାର ରାତିରେ ଚଢାଉ କରିଥିଲେ। ୩ ଜଣ ଧରାପଡିଥିବା ବେଳେ ଗୋଟିଏ ଗାଡି ପୋଲିସ ଜବତ କରିଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଠିକ୍ ସଂଖ୍ୟା ଜଣାପଡି ନ ଥିଲେ ମଧ୍ୟ ଚୋରି ହୋଇଥିବା ଛେଳିମେଣ୍ଢାରୁ କିଛି ଉଦ୍ଧାର ହୋଇଛି। ଜଟଣୀ ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ ବିଶେଷ ସୂଚନା ଦେଇଥିଲେ ମଧ୍ୟ ଚଢାଉ ଜାରି ରହିଥିବା କହିଛନ୍ତି।

## ଛାତ୍ରୀଛାତ୍ର ଖେଳୁଆଡ଼ ମନୋଭାବ ରଖିବା ଦରକାର

**ପି.ଏନ. କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ**

ଖୋର୍ଦ୍ଧା ଅଫିସ,୧୧।୧:

ଖୋର୍ଦ୍ଧାସ୍ଥିତ ପି.ଏନ. କଲେଜର ୫୭ତମ ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ କ୍ରୀଡା, ରାଜନୀତି, ଅର୍ଥନୀତି କ୍ଷେତ୍ରରେ ଖୋର୍ଦ୍ଧା ଗରିମା ବଜାୟ ରଖିଛି। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଖେଳୁଆଡ ମନୋଭାବ ରହିଲେ ସେମାନେ ଆଗେଇ ପାରିବେ। ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଯୋଗଦେଇ କହିଥିଲେ କ୍ରୀଡା ଦ୍ୱାରା ଛାତ୍ରୀଛାତ୍ରମାନଙ୍କର ଶାରୀରିକ ଓ ମାନସିକ ଅଭିବୃଦ୍ଧି ହୋଇଥାଏ। ପି.ଏନ କଲେଜ କ୍ରୀଡା କ୍ଷେତ୍ରରେ ବିଶ୍ୱବିଦ୍ୟାଳୟ ସ୍ତରରେ ସୁନାମ ଅର୍ଜନ କରିଛି। ଅନ୍ୟତମ ଅତିଥି ରୂପେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗ ଦେଇଥିବାବେଳେ ମହାବିଦ୍ୟାଳୟର ଅଧକ୍ଷା ସୌଦାମିନୀ ଦାଶ ପୌରୋହିତ୍ୟ କରିଥିଲେ। ଚାମ୍ପିୟନ ହୋଇଥିବା ଯୁକ୍ତ ୩ ଶ୍ରେଣୀ ବାଳକ ବିଭାଗରେ ବିଶ୍ୱରଞ୍ଜନ ମହାପାତ୍ର ଓ ବାଳିକା ବିଭାଗରେ ବିଷ୍ଣୁପ୍ରିୟା ସାହୁ ଏବଂ ଯୁକ୍ତ ୨ ଶ୍ରେଣୀ ବାଳକ ବିଭାଗରେ ସାଇକିରଣ ମେଲକା ଓ ବାଳିକା ବିଭାଗରେ ବର୍ଷାରାଣୀ ମହାରଣା ପୁରସ୍କୃତ କରାଯାଇଥିଲା। ମଞ୍ଚରେ ଉପସଭାପତି ନାରାୟଣ ବଳିଆରସିଂହ, ଉପସଭାପତି ମଣ୍ଡଳୀ ମୌସୁମୀ କାନୁନ୍‌ଗୋ, ପୂର୍ଣ୍ଣିମା ନାୟକ, ମଧୁସ୍ମିତା ଛୋଟରାୟ, ଏସ.କେ. ଜଗଦେବ, ଶେଖ୍ ସିରାଜ ଓ ସନ୍ଧ୍ୟା ରଥ ଉପସ୍ଥିତ ଥିଲେ।



ମନ୍ତ୍ରୀ ରଘୁନନ୍ଦନ ଦାସ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

## ବାଲୁଗାଁ ମହାବିଦ୍ୟାଳୟର ନାଟ୍ୟ ଉତ୍ସବ

ବାଲୁଗାଁ,୧୧।୧(ଡି.ଏନ୍.ଏ.):

ବାଲୁଗାଁ ମହାବିଦ୍ୟାଳୟରେ ନାଟ୍ୟ ସଂସଦ ପକ୍ଷରୁ ଊନତ୍ରିଂଶତମ ବାର୍ଷିକ ନାଟ୍ୟ ଉତ୍ସବ ଅଧକ୍ଷା ବିନତୀ ମଞ୍ଜରୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ, ଏକକ ଅଭିନୟ, ନୃତ୍ୟ ପ୍ରତିଯୋଗିତା ପରେ ନାଟକ 'ମୁଁ ଅନାଗତ ଅନାମିକା' ମଞ୍ଚସ୍ଥ ହୋଇଥିଲା। ପ୍ରଫେସର ନାରାୟଣ ସାହୁଙ୍କ ରଚିତ ନାଟକର ନିର୍ଦ୍ଦେଶନା ଦେଇଥିଲେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ। ଏଥିରେ ଦୀପକ ଗଜେନ୍ଦ୍ର ଶ୍ରେଷ୍ଠ ଅଭିନେତା, ଈପ୍‌ସିତା ପ୍ରଧାନ ଶ୍ରେଷ୍ଠ ଅଭିନେତ୍ରୀ, ପାର୍ଶ୍ୱ ଅଭିନେତା ସଂଗ୍ରାମ କେଶରୀ ରଣା, ହାସ୍ୟ ଅଭିନେତା ମୁନା ବେହେରା, ଜୁରି ଭାବେ ସୌମ୍ୟକାନ୍ତ ତ୍ରିପାଠୀଙ୍କୁ ପୁରସ୍କୃତ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ନାରାୟଣ ସାହୁ ଓ ଡାକ୍ତର ସୁରେନ୍ଦ୍ର ନାଥ ଦାସ ଅତିଥି ଭାବେ ଯୋଗଦେଇଥିଲେ । ଡ. ଲକ୍ଷ୍ମୀଧର ସୁବୁଦ୍ଧି ପରିଚୟ ପ୍ରଦାନ, ଅଧ୍ୟାପକ ଧୋବୀ ଚରଣ ପରିଡ଼ା ସ୍ୱାଗତ ଭାଷଣ ଓ ଅଧ୍ୟାପକ ବିଦ୍ୟାଧର ଜୁଝାରସିଂହ ଧନ୍ୟବାଦ ଦେଇଥିଲେ।



ମଞ୍ଚାସୀନ ଅତିଥିମାନେ ।

■ମାଣିବନ୍ଧ-ବେଗୁନିଆ ବର୍ଡର ପିଏମ୍‌ଏସ୍‌ୱାଇ ରାସ୍ତା ନିମ୍ନମାନର

## କାର୍ଯ୍ୟ ଆରମ୍ଭରୁ ପିଚୁ ଉଠିଲାଣି

■ଅବଧି ଶେଷ, ହୀନସ୍ତା ହେଉଛନ୍ତି ଯାତ୍ରୀ

■ବିଭାଗୀୟ ଅଧିକାରୀ କାର୍ଯ୍ୟର ମାନ ଯାଞ୍ଚ କରୁନାହାନ୍ତି

ବେଗୁନିଆ/ବୋଲଗଡ଼, ୧୧।୧(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ମାଣିବନ୍ଧଠାରୁ ବେଗୁନିଆ ବର୍ଡର (କୋହ୍ଲୁଆପାଟଣା) ଦୈର୍ଘ୍ୟ ୨ କି.ମି. ୫୪୦ ମିଟର। ନିର୍ମାଣଧୀନ ପ୍ରଧାନମନ୍ତ୍ରୀ ସଡ଼କ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା କୋହ୍ଲୁଆପାଟଣାବାସୀ ଅଭିଯୋଗ କରିଛନ୍ତି।

କୋହ୍ଲୁଆଟଣା, ବଡ଼ପଦର ଗ୍ରାମବାସୀଙ୍କ ପକ୍ଷରୁ ଭଲ ରାସ୍ତା ପାଇଁ ୨୨ ବର୍ଷ ହେଲା ଦାବି ହୋଇ ଆସୁଥିଲା। ଉଭୟ ଗ୍ରାମକୁ ଯୋଗାଯୋଗ କରିବାକୁ ମାତ୍ର ୨କି.ମି. ୫୪୦ ମିଟର ଦୂରତା ରହିଥିବାବେଳେ ସେମାନେ ୧୨ କି.ମି. ବୁଲିକି ଯିବାକୁ ପଡୁଥିଲା। ବହୁବର୍ଷ ପରେ ରାସ୍ତାଟିଏ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ୨୦୧୮ ମେ'ରେ ଉକ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ କରିବା ଲାଗି ୧କୋଟି ୬ ଲକ୍ଷ ୮୩ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ମାତ୍ର କାର୍ଯ୍ୟ ଆରମ୍ଭରୁ ଉପଯୁକ୍ତ ମୋରମ ଓ ବାଲି ବିଛାଗଲା ନାହିଁ କି ପାଣି ସିଞ୍ଚନ କରାଯାଇ ରୋଲିଂ କରାଯାଇନାହିଁ। ସେହିପରି ରାସ୍ତାର ଉଭୟପାର୍ଶ୍ୱ ଠିକ୍ ଦୂରତା ନ ଥିବାବେଳେ କଲଭର୍ଟ ନିର୍ମାଣରେ ଆବଶ୍ୟକ କଞ୍ଚାମାଲ ଦିଆଯାଉନାହିଁ। ମାତ୍ର ମେଟାଲ ନିମ୍ନଭାଗର ଠିକ୍ ଭାବେ ରୋଲିଂ କରା ନ ଯାଇ ଏବେ ପିଚୁ କାମ ଚାଲିଛି। ପିଚୁ ବିଛା କାର୍ଯ୍ୟ ଶେଷ ନ ହେଉଣୁ ବଜୁରି ଉଠି ଗଲାଣି ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏପରି କି ବିଭାଗୀୟ ଅଧିକାରୀମାନଙ୍କ ପକ୍ଷରୁ କାର୍ଯ୍ୟର ମାନ ଯାଞ୍ଚ କରାଯାଉନାହିଁ କି ଅଭିଯୋଗ କଲେ କୌଣସି ସୁଫଳ ମିଳୁନାହିଁ ବୋଲି କୁହାଯାଇଛି। ଶନିବାର ୧୦୦ରୁ ଉର୍ଦ୍ଧ୍ୱ ଦସ୍ତଖତ ଥାଇ ପ୍ରଧାନମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ମେଲ୍ ଜରିଆରେ ଅଭିଯୋଗପତ୍ର ପ୍ରେରଣ କରାଯାଇଛି। ଅନ୍ୟପକ୍ଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ୫-ଟି ସଚିବଙ୍କୁ ଗ୍ରାମର ୫ଜଣ ବୁଦ୍ଧିଜୀବୀ ସୋମବାର ଭେଟି ଉକ୍ତ ରାସ୍ତାର ମାନ ପରୀକ୍ଷଣ କରାଯାଉ ବୋଲି ନିବେଦନ କରିବେ। ଏ ସମ୍ପର୍କରେ ଗାଁର ବଳଭଦ୍ର ପଣ୍ଡା, କୃପାସିନ୍ଧୁ ପଣ୍ଡା, ଜୟକୃଷ୍ଣ ମହାପାତ୍ର 'ଧରିତ୍ରୀ'କୁ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଖୋର୍ଦ୍ଧା ଏସ୍‌ଡିଓ ଅନିଲ ସେଠୀ କୁହନ୍ତି, ନିମ୍ନମାନର କାର୍ଯ୍ୟ ହେଉଥିବାର ଖବର ପାଇଛି। ସୋମବାର କାର୍ଯ୍ୟର ମାନ ଯାଞ୍ଚ କରାଯାଇ ବିଧିବଦ୍ଧ ଭାବେ ଆପଣଙ୍କୁ ସୂଚନା ଦିଆଯିବ।



ମାଣିବନ୍ଧଠାରୁ ବେଗୁନିଆ ବର୍ଡର ରାସ୍ତାକୁ ରୋଲିଂ କରାଯାଇନାହିଁ ।

**ଧାନମଣ୍ଡି ଉଦ୍‌ଘାଟିତ**

**କଣାସ,(ସ୍ୱ.ପ୍ର.):** କଣାସ ପଞ୍ଚାୟତର ମା'କୁଞ୍ଜେଶ୍ୱରୀ ସେବା ସମବାୟ ସମିତି ପକ୍ଷରୁ ଶନିବାର ଧାନମଣ୍ଡି ଖୋଲାଯାଇଛି। ଏହି ମଣ୍ଡିକୁ ସେବା ସମବାୟ ସମିତିର ସଭାପତି ସୁକାନ୍ତ କିଶୋର ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ସମବାୟ ସମିତିର ବୋର୍ଡ ମେମ୍ବର ଶ୍ରୀକାନ୍ତ ପାଢୀଯୋଶୀ, ଭାସ୍କର ସେଠୀ, ଧୀରେନ୍ଦ୍ର ମାନସିଂହ ଉପସ୍ଥିତ ଥିଲେ। ଅନ୍‌ଲାଇନରେ ରେଜିଷ୍ଟ୍ରେଶନ କରିଥିବା ୨୮ ଚାଷୀଙ୍କ ଠାରୁ ୬୯୨ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା।

## ସଂକ୍ଷେପରେ

### ବିନା ପଞ୍ଜିକୃତ ସଫେଇ ଗାଡ଼ିରୁ ଜରିମାନା ଆଦାୟ

**ପୁରୀ ଅଫିସ,୧୧।୧:** ବିନା ପଞ୍ଜୀକରଣରେ ଅଳିଆ ନେଉଥିବା ଏକ ସଫେଇ ଗାଡ଼ିରୁ ପୁରୀ ପୌରସଂସ୍ଥା ଏନଫୋର୍ସମେଣ୍ଟ ସ୍କ୍ୱାଡ ଜରିମାନା ଆଦାୟ କରିଛି। ସହରକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ଲାଗି ପୌରସଂସ୍ଥା ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ପୂର୍ବରୁ ଏକାଧିକ ଗାଡ଼ି ଅଳିଆ ଆଣି ବିଭିନ୍ନ ସ୍ଥାନରେ ପକାଉଥିଲେ। ତେଣୁ ଏଥିରେ ଅଙ୍କୁଶ ଆଣିବା ଲାଗି ଯେଉଁ ଗାଡ଼ି ପୌରସଂସ୍ଥା ନିକଟରେ ପଞ୍ଜୀକରଣ କରିଥିବ ସେହି ଗାଡ଼ି ହିଁ କେବଳ ଅଳିଆ ଆଣି ତାକୁ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇପାରିବ ବୋଲି ନିୟମ ହୋଇଥିଲା। କେବଳ ପୌରସଂସ୍ଥାର ୪ଟି ଗାଡ଼ି ଏଥିପାଇଁ ପଞ୍ଜୀକୃତ କରି ଲୋକଙ୍କ ଘରୁ ଅଳିଆ ଆଣୁଥିଲା। କୌଣସି ଘରୋଇ ଗାଡ଼ି ଏଥିନିମନ୍ତେ ପୌରସଂସ୍ଥା ନିକଟରେ ଏ ପର୍ଯ୍ୟନ୍ତ ପଞ୍ଜୀକରଣ କରି ନ ଥିବାବେଳେ ଶନିବାର ଗୋଟିଏ ଗାଡ଼ି ଅଳିଆ ପରିବହନ କରୁଥିବା ଏନଫୋର୍ସମେଣ୍ଟ ସ୍କ୍ୱାଡ ଦେଖିଥିଲେ। ସମ୍ପୃକ୍ତ ଗାଡ଼ିକୁ ଧରି ୨,୫୦୦ ଟଙ୍କା ଜରିମାନା ଆଦାୟ କରିଥିଲେ।

### ଶ୍ରୀମନ୍ଦିର ସୁରକ୍ଷା ଜୋନ୍: ଭଙ୍ଗାଗଲା ରମାମଣି ଲଜ୍

**ପୁରୀ ଅଫିସ,୧୧।୧:** ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଜୋର୍ ଧରିଛି ଉଚ୍ଛେଦ ଅଭିଯାନ। ପ୍ରଶାସନ ପକ୍ଷରୁ ଶୁକ୍ରବାର ଉତ୍ତର ଏବଂ ପଶ୍ଚିମ ଦ୍ୱାର ନିକଟରେ ୬ଟି ଘରୋଇ ପ୍ଲଟ ଭଙ୍ଗାଯାଇଥିବାବେଳେ ଶନିବାର ଶ୍ରୀମନ୍ଦିର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରେ ଉଚ୍ଛେଦ କରାଯାଇଛି। ଦକ୍ଷିଣ ପାର୍ଶ୍ୱରେ ଥିବା ରମାମଣି ଲଜ୍ ସମେତ ଅନ୍ୟ ଗୋଟିଏ ଘରୋଇ ପ୍ଲଟର କୋଠା ଓ ଉତ୍ତର ପାର୍ଶ୍ୱରେ ୨ଟି ଘରୋଇ ପ୍ଲଟରୁ କୋଠା ଉଚ୍ଛେଦ କରାଯାଇଛି। ଶନିବାର ସକାଳ ପ୍ରାୟ ୯ଟା ସୁଦ୍ଧା ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ପ୍ରାୟ ୨ ପ୍ଲାଟୁନ ଫୋର୍ସ ପହଞ୍ଚି ଥିଲେ। ପୂର୍ବରୁ ସମ୍ପୃକ୍ତ ଲଜ୍ ଏବଂ ଘରୋଇ ପ୍ଲଟରେ ଥିବା କୋଠାକୁ ଖାଲି କରାଯାଇଥିଲା। ଭକ୍ତଙ୍କ ଯାତାୟାତରେ ଯେପରି କୌଣସି ପ୍ରକାର ଅସୁବିଧା ନ ହୁଏ ତାହା ଉପରେ ନଜର ରଖାଯାଇ ବ୍ୟାରିକେଡିଂ କରାଯାଇଥିଲା। ଉପଜିଲାପାଳ ଭବତାରଣ ସାହୁଙ୍କ ତତ୍ତ୍ୱାବଧାନରେ ୩ଜଣ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହା ଭଙ୍ଗାଯାଇଥିଲା। ସୁରକ୍ଷା ଜୋନ ମଧ୍ୟରେ ଯେଉଁମାନେ ସେଲ୍‌ଡିଡ କରିସାରିଛନ୍ତି ସେମାନଙ୍କ ମଧ୍ୟରେ କେତେକ ପରିବାର ଘର ଖାଲି କରିଦେଇଛନ୍ତି। ଅନ୍ୟମାନଙ୍କୁ ଘର ଖାଲି କରିବାକୁ କୁହାଯାଇଛି। ସେମାନେ ଘର ଖାଲି କରିବା ପରେ ଉଚ୍ଛେଦ ଅଭିଯାନ ଆହୁରି ଜୋରଦାର ଭାବେ ଚାଲିବ ବୋଲି ସୂଚନା ମିଳିଛି।

### ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ନିମାପଡ଼ା,୧୧।୧(ଡି.ଏନ୍.ଏ.):** ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ୩୮ତମ ବାର୍ଷିକ କ୍ରୀଡ଼ା, ସାଂସ୍କୃତିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ, ଶିକ୍ଷାବିତ୍ ତଥା ପୂର୍ବତନ ଅଧକ୍ଷ ଗୋପୀନାଥ କର, ଶିକ୍ଷାବିତ୍ ପ୍ରଫେସର ଡ.ସନ୍ତୋଷ ମିତ୍ର ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷା କଲ୍ୟାଣୀ ପଟ୍ଟନାୟକ ଅଧକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ଛାତ୍ରୀଙ୍କୁ ପୁରସ୍କୃତ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଅତିଥିଙ୍କ ସମେତ ଅଧକ୍ଷା ପଟ୍ଟନାୟକ ଏବଂ ମହାବିଦ୍ୟାଳୟର କନିଷ୍ଠ କିରାଣି ରାମଚନ୍ଦ୍ର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର ସ୍ୱର୍ଣ୍ଣରଶ୍ମି ସାହୁ ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ଅଧକ୍ଷ, ପରିଚାଳନା କମିଟିର କର୍ମକର୍ତ୍ତା, ଛାତ୍ରୀ ଏବଂ ଅଧାପିକା ଅଧାପକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଠାକୁର ନିଗମାନନ୍ଦଙ୍କ ପୂଜାର୍ଚ୍ଚନା କରାଯାଇଥିଲା।

**ଗ୍ଲୋରିଫେଷ୍ଟ ରୌପ୍ୟ ଜୟନ୍ତୀ ଉତ୍ସବ**

# ଓଡ଼ିଶା ହେଉଛି ସ୍ୱାଭିମାନର ମାଟି



ଦେବୋଜିତ ଶାହା

**ଯୁବଶକ୍ତିଙ୍କୁ ସଂକଳ୍ପ ନେବାକୁ ଆନ୍ଧ୍ରପ୍ରଦେଶ ରାଜ୍ୟପାଳଙ୍କ ଆହ୍ୱାନ**



କମିଟି ପକ୍ଷରୁ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ଅବନ୍ତିକା ଘୋଷ

**ପୁରୀ ଅଫିସ,୧୧।୧**

ଓଡ଼ିଶା ହେଉଛି ସ୍ୱାଭିମାନର ମାଟି। କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ପ୍ରତିଟି କ୍ଷେତ୍ରରେ ଓଡ଼ିଶାର ଗରିମାମୟ ଇତିହାସ ରହିଛି । ଏଥିପାଇଁ ଆଜି ଓଡ଼ିଆ ଜାତି ଗର୍ବିତ ବୋଲି ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। ଶନିବାର ବେଳାଭୂମିରେ ଆୟୋଜିତ ଗ୍ଲୋରିଫେଷ୍ଟ ରୌପ୍ୟ ଜୟନ୍ତୀ ଉତ୍ସବର ଷଷ୍ଠ ସନ୍ଧ୍ୟାରେ ଯୋଗଦେଇ ରାଜ୍ୟପାଳ ହରିଚନ୍ଦନ କହିଥିଲେ, ଓଡ଼ିଶା ମାଟିରୁ ହିଁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଲଢାଯାଇଥିଲା। ପାଇକ ବିଦ୍ରୋହ ଥିଲା ପ୍ରଥମ ସ୍ୱାଧୀନତା ସଂଗ୍ରାମ। ଓଡ଼ିଶା ମାଟିରେ ହୋଇଥିଲା ରକ୍ତାକ୍ତ ଗଣସଂଗ୍ରାମ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମଗ୍ର ଓଡ଼ିଆ ଜାତି ଏକ ହୋଇଗଲା। ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ୧୮୧୭ରୁ ୧୮୨୫ ପର୍ଯ୍ୟନ୍ତ ଲଢେଇ ଚାଲିଲା। ୧୮୦୩ରେ ଇଂରେଜମାନେ ଆସିବା ପରେ ୧୮୦୪ରେ ଜୟୀ ରାଜଗୁରୁ ଆରମ୍ଭ କରିଥିଲେ ଯୁଦ୍ଧ। ଏହା ହେଉଛି ସେହି ଲଢୁଆ ମାଟି, ଯେଉଁଠି ସାରଳା ଦାସ, ଫକୀର ମୋହନ ସେନାପତିଙ୍କ ଭଳି କବି, ଲେଖକ ଜନ୍ମ ନେଇ ବିଶ୍ୱବିଖ୍ୟାତ ହୋଇପାରିଛନ୍ତି। ପୁରୀ ହେଉଛି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂମି । ମହାପ୍ରଭୁ ହେଉଛନ୍ତି ବିଶ୍ୱର କର୍ତ୍ତା ଓ ଓଡ଼ିଆର ଆତ୍ମା, ପ୍ରାଣ ଏବଂ ଜୀବନଶକ୍ତି । ପୁରୀରେ ଏଭଳି ଉତ୍ସବ ଆୟୋଜନ ନିଶ୍ଚିତ ପ୍ରତ୍ୟେକ ଯୁବଶକ୍ତିଙ୍କ ପାଇଁ ସ୍ମରଣୀୟ ରହିବ । ଏହାଦ୍ୱାରା ବିଭିନ୍ନ ରାଜ୍ୟ ମଧ୍ୟରେ ସାଂସ୍କୃତିକ ଭାବର ଆଦାନ ପ୍ରଦାନ ହେବ । ପରସ୍ପରକୁ ଚିହ୍ନିବେ । ପ୍ରତିଯୋଗିତାରେ ସୁଯୋଗ ମିଳିବା ନିଶ୍ଚିତ ସମସ୍ତଙ୍କ ପାଇଁ ଗର୍ବର ବିଷୟ ବୋଲି ରାଜ୍ୟପାଳ କହିଥିଲେ।

ସେହିପରି ଆଦର୍ଶ ରାଷ୍ଟ୍ର ଗଠନରେ ଯୁବଶକ୍ତିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଯୁବଗୋଷ୍ଠୀଙ୍କ ମନରେ ସକାରାତ୍ମକ ଚିନ୍ତାଧାରା ଜାଗ୍ରତ ହେବା ଆବଶ୍ୟକ। ଭାରତକୁ ଆହୁରି ସୁଦୃଢ଼ କରି ବିଶ୍ୱର ବଡ଼ ଶକ୍ତି ଭାବେ ଛିଡ଼ା କରିବାକୁ ପଡ଼ିବ। ଏଥିପାଇଁ ସଂକଳ୍ପ ନେବା ଆବଶ୍ୟକ ବୋଲି ଗ୍ଲୋରିଫେଷ୍ଟରେ ଯୋଗଦେଇଥିବା ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଛନ୍ତି ଆନ୍ଧ୍ରପ୍ରଦେଶ ରାଜ୍ୟପାଳ। ଇଂରେଜମାନଙ୍କ ଷଡ଼ଯନ୍ତ୍ରର ଶିକାର ହୋଇ ଦାସତ୍ୱର ବନ୍ଧନରେ ଛନ୍ଦି ହୋଇଥିଲା ଭାରତ। ଦେଶକୁ ମୁକ୍ତ କରିବା ଲାଗି ଗାନ୍ଧିଜୀ ଭାରତର ଯୁବ ଓ ଛାତ୍ରଙ୍କୁ ଆହ୍ୱାନ ଦେଲେ। ଗାନ୍ଧିଜୀଙ୍କ ଡାକରାରେ କୋଟି କୋଟି ଭାରତୀୟ ଯେତେବେଳେ କୁଇଟ୍ ଇଣ୍ଡିଆର ନାରା ଦେଲେ ସେତେବେଳେ ଭୂକମ୍ପ ସୃଷ୍ଟି ହେଲା। ବହୁସଂଖ୍ୟାରେ ଯୁବ, ଛାତ୍ର ଘର ସଂସାର ଛାଡ଼ି ଲଢେଇ ମଇଦାନରେ ଅବତୀର୍ଣ୍ଣ ହେଲେ। ଏଥିପାଇଁ ଆଜି ଗାନ୍ଧିଜୀଙ୍କୁ ସମସ୍ତେ ମନେ ପକାଉଛନ୍ତି। କେବଳ ଭାରତରେ ନୁହେଁ, ବିଶ୍ୱରେ ଯେଉଁଠି ମୁକ୍ତି ପାଇଁ ଆନ୍ଦୋଳନ ହେଉଛି ସେ ଦେଶ ଗାନ୍ଧୀଙ୍କୁ ସ୍ମରଣ କରୁଛି । ଅଭୂତ ତାଙ୍କର ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସ ରହିଥିଲା ବୋଲି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଗାନ୍ଧିଜୀଙ୍କ ଭଳି ମନୋଭାବ ରଖି ଆଗକୁ ବଢ଼ିବା ଲାଗି ପରାମର୍ଶ ଦେଇଥିଲେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ। ଏଥିରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ହାଇଟେକ୍ ଗ୍ରୁପ୍ ଅଫ ଇନ୍‌ଷ୍ଟିଚ୍ୟୁଟର ଅଧକ୍ଷ ଡ. ତିରୁପତି ପାଣିଗ୍ରାହୀ, ହୋଟେଲ ହଲିଡେ ରିସର୍ଟର ଏମ୍‌ଡି ରାଜକିଶୋର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଗ୍ଲୋରିଫେଷ୍ଟ ପରିଚାଳନା କମିଟି ଅଧକ୍ଷ ତଥା ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଆୟୋଜକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ରର ସମ୍ପାଦକ ରାଜେଶ ମହାନ୍ତି, କମିଟି ଅଧକ୍ଷ ଶଙ୍କର୍ଷଣ ପରିଡ଼ା, ଉପାଧକ୍ଷ ପ୍ରଦ୍ୟୁମ୍ନ ସାଥୁଆ, ସଙ୍ଗଠନ ସମ୍ପାଦକ ନବକିଶୋର ପ୍ରଧାନ, ମୁଖ୍ୟ ସଂଯୋଜକ ମନୋଜ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

### ପୁରସ୍କୃତ ହେଲେ କୃତୀ ପ୍ରତିଯୋଗୀ

ଗ୍ଲୋରିଫେଷ୍ଟର ରୌପ୍ୟ ଜୟନ୍ତୀ ଅବସରରେ ୨୫ଟି ପ୍ରତିଯୋଗିତା କରାଯାଇଥିଲା । ଶନିବାର ଇଂଲିଶ ବକ୍ତୃତା, ଇଂଲିଶ ଗ୍ରୁପ୍ ଡିସ୍‌କସନ, ସାଧାରଣ ଜ୍ଞାନ, ଲଘୁ ସଙ୍ଗୀତ, ଶାସ୍ତ୍ରୀୟ ସଙ୍ଗୀତ, ଦଳଗତ ଲୋକନୃତ୍ୟ, ଏକକ ଲୋକସଙ୍ଗୀତ, ଏକକ ଆଧୁନିକ ନୃତ୍ୟ, ମନୋ ଆକ୍ଟିନ, ଡୁଏଟ ଡ୍ୟାନ୍ସ, ଶାସ୍ତ୍ରୀୟ ନୃତ୍ୟ ଆଦି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

### ଧୁମ୍ ମଚାଇଲେ ଦେବୋଜିତ, ଅବନ୍ତିକା

ଗ୍ଲୋରିଫେଷ୍ଟର ରୌପ୍ୟ ଜୟନ୍ତୀ ଉତ୍ସବର ଷଷ୍ଠ ସନ୍ଧ୍ୟାରେ ଧୁମ୍ ମଚାଇଛନ୍ତି କଣ୍ଠଶିଳ୍ପୀ ଦେବୋଜିତ ଶାହା ଓ ଅବନ୍ତିକା ଘୋଷ। ଏହି ଦୁଇ ଯୁବ କଣ୍ଠଶିଳ୍ପୀ ବେଳାଭୂମିର ଶୀତୁଆ ସନ୍ଧ୍ୟାରେ ଉଷ୍ମ ଭରିଦେଇଥିଲେ। ବିଶେଷକରି ଦେବୋଜିତ ଯୁବଗୋଷ୍ଠୀଙ୍କ ମନକୁ ଛୁଇଁଲା ଭଳି ଏକାଧିକ ହିଟ୍ ଗୀତ ବୋଲିଥିଲେ। ତାଙ୍କ ଗୀତର ତାଳେ ତାଳେ ଛାତ୍ରୀଛାତ୍ରମାନେ ଧୁମ୍ ନାଚିଥିଲେ । ସେହିପରି ଅବନ୍ତିକା ମଧ୍ୟ ଗ୍ଲୋରିଫେଷ୍ଟରେ ଭାଗ ନେଇଥିବା ପିଲାମାନଙ୍କ ଚାହିଦା ମୁତାବକ ଗୀତ ପରିବେଷଣ କରିଥିଲେ। ରବିବାର ଗ୍ଲୋରିଫେଷ୍ଟ ରୌପ୍ୟ ଜୟନ୍ତୀର ଅନ୍ତିମ ସନ୍ଧ୍ୟାରେ ସଲ୍‌ମାନ ଅଲ୍ଲୀ ଏବଂ ରିୟା ଭଟ୍ଟାଚାର୍ଯ୍ୟ ଏହି ଦୁଇ ଯୁବ କଣ୍ଠଶିଳ୍ପୀ ପ୍ରମୁଖ ଆକର୍ଷଣ ସାଜିବେ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡ଼ିଛି ।

### ଅନ୍ତର୍ଜାତୀୟ ଚନ୍ଦ୍ରଭାଗା କବିତା ମହୋତ୍ସବ ଉଦ୍‌ଘାଟିତ

**କୋଣାର୍କ,୧୧।୧(ଡି.ଏନ୍.ଏ.)**

କୋଣାର୍କ ଯାତ୍ରୀନିବସ ସମ୍ମେଳନ କକ୍ଷରେ ୬ଷ୍ଠ ଆର୍ନ୍ତଜାତୀୟ ଚନ୍ଦ୍ରଭାଗା କବିତା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଦୁଇଦିନିଆ କବିତା ପାଠ ମହୋତ୍ସବକୁ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ବିଶାଖାପଟନମ କୁଳପତି ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରୀୟ ସାହିତ୍ୟ ଏକାଡେମି ନୂଆଦିଲ୍ଲୀ, କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ ମହୀସୁର ଏବଂ ଇଣ୍ଡିୟାନ ନଭେଲ କଲେକ୍ଟିଭସ୍ ମୁମ୍ବାଇଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ମହୋତ୍ସବରେ ଓଡ଼ିଶା ସମେତ ଭାରତ, ଅଷ୍ଟ୍ରିଆ ଓ ଫ୍ରାନ୍ସର ଶିଳ୍ପୀ, କବି ଓ ଲେଖକମାନେ ଯୋଗଦେଇଛନ୍ତି। କବି ପ୍ରଫେସର ଜୟନ୍ତ ମହାପାତ୍ର ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ତଥା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ବୁଦ୍ଧିଜୀବୀ ପ୍ରଫେସର ମନୋରଞ୍ଜନ ମହାନ୍ତି ଯୋଗଦେଇଥିଲେ। ମହୋତ୍ସବର ଭାରତୀୟ ତଥା ଅନ୍ତର୍ଜାତୀୟ କବିତା ଓ କଳାଧାରା ସମୂହରେ ପର୍ଯ୍ୟାଲୋଚନା କରାଯାଇଥିଲା। ଏହା ଦ୍ୱାରା ମାନବ ସଭ୍ୟତାରେ ଶାନ୍ତି, ପ୍ରେମ ଓ ଭାତୃଭାବ ପ୍ରତିଷ୍ଠିତ ହୋଇପାରିବ ବୋଲି କବିତା ମହୋତ୍ସବର ନିର୍ଦ୍ଦେଶକ ପ୍ରଫେସର ଚନ୍ଦ୍ରଭାନୁ ପଟ୍ଟନାୟକ କହିଥିଲେ। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ନାରୀବାଦି କବିତା ଶୃଙ୍ଖଳ ପରିଚାଳନା କରିବା ସହ ପୁସ୍ତକ ଉନ୍ମୋଚନ କରିଥିଲେ। ଯୁବପିଢୀର କବି, କଳାକାର ଓ ଲେଖକଙ୍କୁ ଚନ୍ଦ୍ରଭାଗା କବିତା ମହୋତ୍ସବରେ ପ୍ରୋତ୍ସାହନ ଦେବା ପାଇଁ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ବଦ୍ଧପରିକର ବୋଲି କହିଥିଲେ। ମହୋତ୍ସବରେ ଗୁଲହାମ ଫାବ୍ରେ, ଲାରାଦୋଫ୍ ୟାଭେସ୍ ୱାଲେଟ୍, ୟୁଟେଏସିନ୍‌ଜର୍, ଅଶ୍ୱିନ କୁମାର, ଏ.ଜେ.ଥୋମାସ, ସବିତା ସିଂ, ଅଂଶୁମାନ କର, ବିଜୟ ଉପାଧ୍ୟାୟ, ଆଶୁତୋଷ ପରିଡା, ଅପର୍ଣ୍ଣା ମହାନ୍ତି, ପ୍ରଭାସିନି ମହାକୁଡ, ଦୁର୍ଗାପ୍ରସାଦ ପରିଡା ଓ ବାସୁଦେବ ସୁନାନୀ ପ୍ରମୁଖ ସ୍ୱଚରିତ କବିତା ପାଠ କରିଥିଲେ।

**କଲ୍ୟାଣପୁର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀର ଦ୍ୱିତୀୟ ଦିବସ**

## ଶିଶୁଙ୍କ ମନର ଭାବ ବୁଝିବାକୁ ଗୁରୁତ୍ୱ

**ଡେଲାଙ୍ଗ,୧୧।୧(ଡି.ଏନ୍.ଏ.)**

ଛାତ୍ରୀଛାତ୍ରଙ୍କ ରୁଗ୍‌ଣ ମାନସିକତାକୁ ବଦଳାଇବାକୁ ହେଲେ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟ କରିବା ଆବଶ୍ୟକ। କୋମଳମତି ଶିଶୁଙ୍କ ମନର ଭାବକୁ ବୁଝି ସେମାନଙ୍କ ମନକୁ ଆନନ୍ଦିତ କଲାଭଳି ଭଲ କଥା କହି ଉଚିତ୍ ମାର୍ଗରେ ନେବା ଜରୁରୀ। ଏଥିସହିତ ଆଧାତ୍ମିକ ଚିନ୍ତନ ସେମାନଙ୍କ ମନରେ ଭରିଦେଲେ ସେମାନଙ୍କର ମାନସିକତା ବଦଳିପାରିବ ବୋଲି କଲ୍ୟାଣପୁର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସରେ ଅଧାପିକା ପ୍ରତିଭା ମହାରଥି ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଛନ୍ତି। ପୁରାତନ ଛାତ୍ର ସଂସଦ ସଭାପତି ତଥା ଆଇନ୍‌ଜୀବୀ ଭୀମସେନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥିଭାବେ ଡେଲାଙ୍ଗ ବ୍ଲକ ଅଧକ୍ଷ ପ୍ରସନ୍ନ ସାହୁ, ବ୍ଲକ ଶିକ୍ଷାଧିକାରୀ ନିରଞ୍ଜନ ପାତ୍ର, ଦେବାଶିଷ ନନ୍ଦ, ସସ୍ମିତା ମାଳୀ, ସରପଞ୍ଚ ବିଷ୍ଣୁପ୍ରିୟା ଜେନା, ସମିତିସଭ୍ୟା ଜୟମାଳା ଭଞ୍ଜ, ପ୍ରଦୀପ୍ତ ପ୍ରଧାନ, ପ୍ରଧାନ ଶିକ୍ଷକ ସୁଦର୍ଶନ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ପ୍ରଭାତରୁ ପ୍ରଶିକ୍ଷକ ଡ.ବିଶ୍ୱରଞ୍ଜନ ପ୍ରଧାନଙ୍କ ଦ୍ୱାରା ବିଭିନ୍ନ ଯୋଗ ପ୍ରଦର୍ଶନ କରାଯାଇଥିଲା। ପୂର୍ବତନ ୪୦ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠିତ ରକ୍ତଦାନ ଶିବିରରେ ୩୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପୁରାତନ ଛାତ୍ର ଆଇନ୍‌ଜୀବୀ ରଶ୍ମିରଞ୍ଜନ ଜେନା, ପ୍ରଦୀପ୍ତ ପ୍ରଧାନ, ସୁନୀଲ ପ୍ରଧାନ, ସମ୍ପାଦକ ଘନଶ୍ୟାମ ପ୍ରଧାନ, ଅଶୋକ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### କବିତା ହୃଦୟକୁ ଜିଣିଥାଏ

**ପୁରୀ ଅଫିସ,୧୧।୧**

ଅନୁରାଗ ସାହିତ୍ୟ ସଂଗୋଷ୍ଠୀ ଓ ସାମାଜିକ ଅନୁଷ୍ଠାନ ପ୍ରୟାସର ମିଳିତ ଆନୁକୂଲ୍ୟରେ ଉତ୍କଳ ବଚପନ୍ ସ୍କୁଲ ପରିସରରେ ଶନିବାର ଏକ କବିତା ଆସର ଆୟୋଜିତ ହୋଇଥିଲା। ସଂଗୋଷ୍ଠୀର ସଭାପତି ବିଜୟ ଲକ୍ଷ୍ମୀ ଦାଶଙ୍କ ସଭାପତିତ୍ୱରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି, ପୂର୍ଣ୍ଣଚନ୍ଦ୍ର ଦାସ, ଡ.ଦିଲୀପ ସେନାପତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ଅନାମ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଦୟାନିଧି ପଣ୍ଡା ସଂଯୋଜନା କରିଥିଲେ। କବିତା ଆନନ୍ଦ ଦେବା ସହ ହୃଦୟକୁ ଜିଣିଥାଏ ବୋଲି ମତପ୍ରକାଶ ପାଇଥିଲା। ସୁରେଶ ପଟ୍ଟନାୟକ, ଆଶାଲତା ପ୍ରଧାନ, ଉଷାରାଣୀ ଦେବୀ, ଯୋଗେନ୍ଦ୍ର ନାଥ ସାହୁ,ସୁରେନ୍ଦ୍ର ନାଥ ଗୁରୁ, ମଞ୍ଜୁଳା ଦେବୀ ପ୍ରମୁଖ କବିତା ପାଠ କରିଥିଲେ।

**ଚାରିଛକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର**

## ରୋଗୀଙ୍କ ଉପରେ ପଡ଼ିଲା କଂକ୍ରିଟ୍ ଖଣ୍ଡ

**ନିମାପଡ଼ା,୧୧।୧(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ମହିଳା ୱାର୍ଡର ଛାତରୁ କଂକ୍ରିଟ୍ ଖଣ୍ଡ ଖସିପଡ଼ିବା ଯୋଗୁ ୨ ଜଣ ମହିଳା ରୋଗୀଙ୍କ ସହ ୩ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ବାହାରେଣା ଗ୍ରାମର ମୁନି ବିବି, ମେହେବୁନ୍ ବିବି ଏବଂ ଇଫ୍‌ତେଶ୍ୟାମ ବିବି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଜଣେ ୫ଦିନର ଶିଶୁ ଏହି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରସୂତି ଏବଂ ସେମାନଙ୍କ ଆଟେଣ୍ଡାଣ୍ଟ ଶୋଇଥିବା ବେଳେ ହଠାତ୍ ଛାତରୁ କଂକ୍ରିଟ ଖଣ୍ଡ ଖସିପଡିଥିଲା। ୱାର୍ଡରେ ଚିକିତ୍ସିତ ହେଉଥିବା ରଶ୍ମିତା ମୁଦୁଲି, ଗୀତାଞ୍ଜଳି ନାୟକ ଏବଂ ବର୍ଷା ଭୋଇ ପ୍ରମୁଖ ଘଟଣାକୁ ନେଇ ଭୟଭୀତ ଥିବା କହିଛନ୍ତି । ତେବେ ଏହା ପ୍ରଥମ ଘଟଣା ନୁହଁ, ପୂର୍ବରୁ ମଧ୍ୟ ବହୁଥର ଛାତରୁ ସିମେଣ୍ଟ ଖଣ୍ଡ ଖସିଛି । ଏ ନେଇ ଚିକିତ୍ସା ଦାୟିତ୍ୱରେ ଥିବା ଡା.ସୁକାନ୍ତ କୁମାର ଜେନା କୁହନ୍ତି, ସିମେଣ୍ଟ ଖଣ୍ଡ ଖସିପଡ଼ିବା ଯୋଗୁ ଦୁଇ ଜଣ ମହିଳା ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ଅନ୍ୟ ରୁମ୍‌କୁ ସ୍ଥାନାନ୍ତର କରାଯାଇଥିବା ସେ କହିଛନ୍ତି । ଅଞ୍ଚଳର ଶହଶହ ରୋଗୀ ଏହି ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ବାରମ୍ବାର ଦୁର୍ଘଟଣା ଘଟୁଥିବା ଫଳରେ ରୋଗୀମାନେ ଭୟରେ ରହୁଛନ୍ତି । ଏଠାରେ ଚିକିତ୍ସିତ ହେବାକୁ ସୁରକ୍ଷିତ ମଣୁନାହାନ୍ତି। ସ୍ୱାସ୍ଥ୍ୟସେବା ଦିଗରେ ରାଜ୍ୟ ସରକାର ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ୫-ଟି ମଧ୍ୟ ଲାଗୁ ହୋଇଛି। କିନ୍ତୁ ଚାରିଛକ



ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ସୁଫଳ ପହଞ୍ଚିପାରୁନି। ତୁରନ୍ତ ଅସୁରକ୍ଷିତ କୋଠାଗୁଡ଼ିକର ମରାମତି ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ବାଇକ୍ ଶୋଭାଯାତ୍ରାରେ ସଚେତନ ବାର୍ତ୍ତା




**ପୁରୀ ଅଫିସ,୧୧।୧**

ଜୀବନ ସବୁଠୁ ମୂଲ୍ୟବାନ। ଏଥିପ୍ରତି ସର୍ବଦା ଯତ୍ନବାନ ଏବଂ ସତର୍କ ରହିବା ଆବଶ୍ୟକ। ବର୍ଷର ସବୁଦିନ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ ହେବା। ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇ ଦୁର୍ଘଟଣାକୁ ଏଡ଼ାଇବା। ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଆୟୋଜିତ ବାଇକ୍ ଶୋଭାଯାତ୍ରାରେ ଏଭଳି ସଚେତନତା ସୃଷ୍ଟି କରାଯାଇଥିଲା। ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଜାନୁୟାରୀ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି । ଏହି ଉପଲକ୍ଷେ ସଞ୍ଜୀବ ହିରୋ ଏବଂ ପୁରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଶନିବାର ବଡ଼ଦାଣ୍ଡ ମେଡିକାଲ ଛକଠାରୁ ବାଇକ୍ ଶୋଭାଯାତ୍ରା ବାହାରିଥିଲା। ଏଥିସହ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକ ରଥ ମଧ୍ୟ ଗଢ଼ିଥିଲା। ଏହି ବାଇକ୍ ଶୋଭାଯାତ୍ରା ଏବଂ ରଥକୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଆର୍‌ଟିଓ ସମୀର କୁମାର ଦଳାଇ, ଟ୍ରାଫିକ ଡିଏସ୍‌ପି ଏମ୍. ଶତପଥୀ, ସବ୍‌ଇନ୍‌ସପେକ୍ଟର ସୁଶାନ୍ତ କୁମାର ପାତ୍ର, ସଞ୍ଜୀବ ହିରୋର ନିର୍ଦ୍ଦେଶକ ଅମିତ ମଲ୍ଲିକ, ଭାରପ୍ରାପ୍ତ ଏମ୍‌ଭିଆଇ ବାମଦେବ ସାହୁ, ରୋଡ୍ ସେଫ୍‌ଟି ଅଫିସର ଶଙ୍କର ନାରାୟଣ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ । ଶୋଭାଯାତ୍ରା ବଡ଼ଦାଣ୍ଡ ପରିକ୍ରମା କରି ଟାଉନ ହଲ୍ ଛକସ୍ଥିତ ସଞ୍ଜୀବ ହିରୋ ସମ୍ମୁଖରେ ଶେଷ ହୋଇଥିଲା। ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ୧୭ତାରିଖ ପର୍ଯ୍ୟନ୍ତ ଜନସାଧାରଣଙ୍କୁ ସଚେତନ କରାଯିବ।

**ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ୭ମ ଦିବସ**

## ଭକ୍ତି ଓ ଆଧାତ୍ମିକତା ଜୀବନକୁ ସରସ କରେ

ପୁରୀ ଅଫିସ,୧୧।୧

ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ଆନୁକୂଲ୍ୟରେ ଚାଲିଥିବା ପୁସ୍ତକ ମେଳାର ଶନିବାର ୭ମ ଦିନ ବିତିଛି। ସପ୍ତମ ସନ୍ଧ୍ୟାରେ ଶ୍ରୀକ୍ଷେତ୍ରରୁ ପ୍ରକାଶିତ ଦିବ୍ୟଦର୍ଶନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା ରାଜ୍ୟସ୍ତରୀୟ ଆଧାତ୍ମିକ କବିତା ଆସର ଓ ସାରସ୍ୱତ ସଭା। ଯୁବ ସାହିତ୍ୟିକ ବିପିନ ବିହାରୀ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ଡ.କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟଅତିଥି, ପୁସ୍ତକ ମେଳା କମିଟି ସମ୍ପାଦକ ଚକ୍ରଧର ମହାପାତ୍ର, ଆଇନଜୀବୀ ସଦାଶିବ ମିଶ୍ର ଓ ପ୍ରଫେସର ସଞ୍ଜୟ ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭକ୍ତି ଓ ଆଧାତ୍ମିକତା ଭାବ ଜୀବନକୁ ସରଳ ସରସ କରି ଗଢିଥାଏ ବୋଲି ମତ ପ୍ରକାଶ ପାଇଥିଲା। ଅନୁଷ୍ଠାନର ସମ୍ପାଦିକା ପ୍ରବାସିନୀ ମିଶ୍ର ସଂଯୋଜନା କରିଥିଲେ। ଐଶ୍ୱର୍ଯ୍ୟା ଦାଶ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶ, ସର୍ବାଣୀ ଦାସ ଓ ସୁମିତା ବେହେରା ଓ ଡ.ସୁଚିତ୍ରା ରଥଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ଶିକ୍ଷାବିତ୍ ହରପ୍ରିୟା ସାହୁ, ସୁକାନ୍ତି ନନ୍ଦ ପୌର୍ଣ୍ଣମାସୀ ଦେବୀ, ସୁବାସିନୀ ଧଳ, ତୃପ୍ତି ପଣ୍ଡା, ପ୍ରତିଭା ତ୍ରିପାଠୀ, ବିଜୟ ପୃଷ୍ଟି ପ୍ରମୁଖ କବିତା ପାଠ କରିଥିଲେ। ଅପରାହ୍ନରେ ଟିକିତାରା ସମ୍ପାଦକ ବିପିନ ବିହାରୀ ଦଳାଇଙ୍କ ପଠନ ଚୁଙ୍ଗି ଷ୍ଟଲରେ ବିଦ୍ୟାର୍ଥୀମାନେ ପୁସ୍ତକ ଅଧ୍ୟୟନ କରିଥିଲେ। କୁଇଜ୍ ମାଷ୍ଟର ଚନ୍ଦ୍ର ବିଜୟୀ ମିଶ୍ରଙ୍କ ସଂଯୋଜନାରେ ଜଣାଅଜଣା କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

### ଭକ୍ତିରସରେ ଭିଜିଲା ଶରଧାବାଲି

ପୁସ୍ତକ ମେଳାର ସପ୍ତମ ଦିନରେ ସିଦ୍ଧ ମହାବୀର ସଙ୍ଗୀତ ପରିଷଦ ପକ୍ଷରୁ ପାରମ୍ପରିକ ଭକ୍ତି ସଙ୍ଗୀତ ଆୟୋଜିତ ହୋଇଥିଲା। ଭାବ ଓ ଭକ୍ତିରସରେ ଭିଜିଥିଲା ଭକ୍ତିର ପବିତ୍ର ସ୍ଥାନ ଶରଧାବାଲି। ଅଭିଲାଷ ଦାଶଙ୍କ ଦୀନବନ୍ଧୁ ଏହି ଥଳି ଶ୍ରୀଛାମୁରେ, ଜ୍ୟୋତ୍ସ୍ନାରାଣୀ ମହାନ୍ତିଙ୍କ ଦୀନବନ୍ଧୁ ମୋ ଦୁଃଖ ନ ସରିଲା, ସ୍ୱପ୍ନା ଆଚାର୍ଯ୍ୟଙ୍କ ଚକାନୟନ, ଶୁଭସ୍ମିତା ମହାପାତ୍ରଙ୍କ ଆହେ ନୀଳଶୈଳ, ବିନୋଦିନୀ ମହାପାତ୍ରଙ୍କ ଲଗାଇଲେ ଦୀନବନ୍ଧୁ, ଦେବଦାସୀ ସାମନ୍ତରାଙ୍କ ହଟିଆ ଠାକୁର, ଶୁଭଦ୍ରା ନାୟକଙ୍କ ବୃନ୍ଦାବନ ବଂଶୀ, ଅମ୍ଳାନ ଅମୃତାଂଶୁଙ୍କ କେଣେ ଘେନିଯାଉଛ, ରୁଦ୍ରନାରାୟଣ ପଟ୍ଟନାୟକଙ୍କ ପତିତପାବନ ବାନା, ନମସ୍ତେ ପ୍ରଭୁ ଜଗନ୍ନାଥ ଦେବାଂଶି ଦାସ, ଜ୍ୟୋତିସ୍ମିତା କରଙ୍କ ସୁନ୍ଦର ବଦନ ପ୍ରଭୃତି ଗୋଟିଏ ପରେ ଗୋଟିଏ ଭକ୍ତି ସଙ୍ଗୀତ ଗାନ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଗୁରୁ ସବିତା ମିଶ୍ର ପରିଚାଳନା କରିଥିଲେ। ବାଦ୍ୟଯନ୍ତ୍ରରେ ଗୁରୁ ସତ୍ୟପ୍ରିୟ ମହାପାତ୍ର, ପ୍ରତାପ ବାରିକ, ଶକ୍ତିଭୂଷଣ ମିଶ୍ର, ସଞ୍ଜୟ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ।

### ପୁସ୍ତକ ବଣ୍ଟନକୁ ନେଇ ବିରୋଧ

ପୁସ୍ତକ ମେଳାରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଜଣେ ମହିଳା ପୁସ୍ତକ ବଣ୍ଟନ କରୁଥିଲେ। ତେବେ କେତେଜଣ ଯୁବକ ଏହାକୁ ଧର୍ମ ପ୍ରଚାର କରୁଥିବା କହି ବିରୋଧ କରିଥିବା ଦେଖାଯାଇଥିଲା। ସନ୍ଧ୍ୟା ସମୟରେ ଦୁଇଜଣ ମହିଳା କିଛି ପୁସ୍ତକ ଧରି ବୁଲି ବୁଲି ଯିବାଆସିବା କରୁଥିବା ଲୋକଙ୍କୁ ବାଣ୍ଟୁଥିଲେ। ଏହାକୁ ନେଇ ଏକ ନିର୍ଦ୍ଦିଷ୍ଟ ଦଳର କେତେଜଣ ଯୁବକ ଉକ୍ତ ମହିଳାମାନଙ୍କୁ ପୁସ୍ତକ ବାଣ୍ଟିବାକୁ ମନା କରିଥିଲେ। ତଥାପି ମହିଳାମାନେ ନ ଶୁଣି ପୁସ୍ତକ ବାଣ୍ଟିବାରୁ ଯୁବକମାନେ ଉତ୍ତ୍ୟକ୍ତ ହୋଇ କଥା କଟାକଟି ହୋଇ ବିରୋଧ କରିଥିଲେ। ଫଳରେ କିଛି ସମୟ ପାଇଁ ପୁସ୍ତକ ମେଳା ପରିସର ଉତ୍ତେଜନା ପ୍ରକାଶ ପାଇଥିଲା।